# ଡଲ୍ଫିନ୍‌ଙ୍କ ସୁରକ୍ଷା ନିମନ୍ତେ ବନ ବିଭାଗର ପଇଁତରା

କୃଷ୍ଣପ୍ରସାଦ,୩।୧(ସମିସ): ଚିଲିକାକୁ ଆସୁଥିବା ବିଦେଶାଗତ ପକ୍ଷୀ ଓ ଇରାୱାଡି ଡଲ୍‌ଫିନମାନଙ୍କ ସୁରକ୍ଷା ଦିଗରେ ବନ ବିଭାଗ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି । ପର୍ଯ୍ୟଟକଙ୍କୁ ଆକର୍ଷିତ କରୁଥିବା ଇରାୱାଡି ଡଲ୍‌ଫିନ୍‌ଙ୍କ ସୁରକ୍ଷା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି । ପ୍ରତିଦିନ ସ୍କ୍ୱାଡ୍ ଟିମ୍ ଡଲ୍‌ଫିନ୍ ରହୁଥିବା ଚିଲିକାର ସୀମାରେ କଡ଼ା ସୁରକ୍ଷା ଦେଉଛନ୍ତି । ପର୍ଯ୍ୟଟକଙ୍କୁ ଡଲ୍‌ଫିନ୍ ଦେଖାଇବା ପାଇଁ ରହିଥିବା ଡଙ୍ଗାଚାଳକମାନଙ୍କୁ ବିଭିନ୍ନ ପ୍ରକାର ସଚେତନତା କରାଉଥିବା ଜଣାପଡ଼ିଛି । ଏଥିପାଇଁ ଚିଲିକା ଉପକୂଳବର୍ତ୍ତୀ ଅଞ୍ଚଳରେ ରହୁଥିବା ଜନସାଧାରଣ, ମତ୍ସ୍ୟଜୀବୀ, ବୁଦ୍ଧିଜୀବୀ, ମହିଳା ସଂଘ, ସ୍ୱେଚ୍ଛାସେବୀ ସଂଗଠନକୁ ନେଇ ସଚେତନତା ଶିବିର ଆୟୋଜନ କରାଯାଇ ସଚେତନ କରାଯାଉଛି ।

ଚିଲିକା ବନ୍ୟପ୍ରାଣୀ ବନଖଣ୍ଡୀୟ ଅଧିକାରୀ ଅମ୍ଳାନ ନାୟକଙ୍କ ନିର୍ଦ୍ଦେଶ କ୍ରମେ ସାତପଡ଼ା ବନାଞ୍ଚଳ ପକ୍ଷରୁ ମହିଁଷା ନାଳ, ଚଉବର ଅଞ୍ଚଳ, ଡୋଜରକୁଦା, ପାହାଣକୁଦା, ମଗରମୁଖ ଆଦି ଚିଲିକାରେ ସଦଳବଳେ ପଇଁତରା ମାରି ଡଲ୍‌ଫିନ ସୁରକ୍ଷା ଉପରେ ତୀକ୍ଷ୍ଣ ନଜର ରଖିଛନ୍ତି । ବାଲୁଗାଁ ବନ୍ୟପ୍ରାଣୀ ବନାଞ୍ଚଳ ଅଧିକାରିଣୀ ରଶ୍ମିତା ଜେନା, ନୂଆପଡ଼ା ବନ୍ୟପ୍ରାଣୀ ବନାଞ୍ଚଳ ଅଧିକାରୀ ସୂର୍ଯ୍ୟକାନ୍ତ ମହାରଣା, ପାରିକୁଦ ବନପାଳ ଜିତେନ୍ଦ୍ରୀୟ ଜେନା, ନୂଆପଡ଼ା ବନପାଳ ରଶ୍ମୀ ରଞ୍ଜନ ନାୟକ, ବନପାଳ ଗୌରାଙ୍ଗ ଚରଣ ପ୍ରଧାନ, ବନପାଳ ଅର୍ଜୁନ ପ୍ରଧାନ ପ୍ରମୁଖ ମା' କାଳିଜାଈଙ୍କ ପୀଠରୁ ଜହ୍ନିକୁଦା ପର୍ଯ୍ୟନ୍ତ ଚିଲିକାରେ ପଇଁତରା ମାରୁଥିବା ଜଣାଯାଇଛି ।



ଡଙ୍ଗା ଚାଳକମାନଙ୍କୁ ଡଲ୍‌ଫିନଙ୍କଠାରୁ କେତେ ଦୂରରେ ରହିବା, ଡଲ୍‌ଫିନ୍ ବିଚଳିତ ହେଲା ଭଳି କିଛି କାର୍ଯ୍ୟ ନ କରିବା, ଚିଲିକାରେ ବର୍ଜ୍ୟବସ୍ତୁ ପଲିଥିନ୍ ଏବଂ ପ୍ଲାଷ୍ଟିକ୍ ବୋତଲ ନ ପକାଇବା ପାଇଁ ନୌଚାଳକଙ୍କୁ ପ୍ରତିଦିନ ପରାମର୍ଶ ଦେଉଛନ୍ତି । ନିୟମ ଉଲ୍ଲଂଘନ କଲେ ଆଇନ ଅନୁଯାୟୀ ଦଣ୍ଡିତ କରାଯିବ ବୋଲି ତାଗିଦ୍ କରାଉଥିବା ସାତପଡ଼ା ବନ୍ୟପ୍ରାଣୀ ବନାଞ୍ଚଳ ଅଧିକାରୀ ରଞ୍ଜନ କୁମାର ବେହେରା ପ୍ରକାଶ କରିଛନ୍ତି । ବନ ବିଭାଗର କଡ଼ା ସୁରକ୍ଷା ଯୋଗୁଁ ଡଲ୍‌ଫିନ୍ ଓ ବିଦେଶାଗତ ଅତିଥି ବିହଙ୍ଗ ସୁରକ୍ଷିତ ଥିବା ପରିବେଶବିତ୍ ଧନେଶ୍ୱର ବିଧାର କହିଛନ୍ତି । ସାତପଡ଼ା ବନପାଳ ସୁଜିତ ବେହେରା, ରାଜହଂସ ବନପାଳ ବିଶ୍ୱନାଥ ଟୁଡୁ, ଅରଖକୁଦା ବନପାଳ ପ୍ରଣୟ କୁମାର ଜୟସିଂହ, ବନପାଳ ଲକ୍ଷ୍ମଣ ତ୍ରିତକ, ବନରକ୍ଷୀ ଶିବ ପ୍ରସାଦ ପଲେଇ, ବନରକ୍ଷୀ ଅନିତା ଜୟସିଂହ, ଅବଦୁଲ ଓକିଲ ଖାନ, ମାନସ ରଞ୍ଜନ ନାୟକ, ଭାବଗ୍ରାହୀ ମଲ୍ଲିକ ସମେତ ଡଲ୍‌ଫିନ୍ ସୁରକ୍ଷା କର୍ମୀ ପ୍ରମୁଖ ପ୍ରତ୍ୟହ ସୁରକ୍ଷା ନିମନ୍ତେ ପଇଁତରା ଦେଉଥିବା ଜଣାପଡ଼ିଛି ।

## ନବୀନଙ୍କୁ ଚାଉଳରେ ତିଆରି ରଥ ଉପହାର ଦେଲେ ଅକ୍ଷୟ



ପିପିଲି,୩।୧(ସମିସ): ଚାନ୍ଦୁଆ ନଗରୀ ପିପିଲି ଦରଜୀ ସାହି ନିବାସୀ ଚାନ୍ଦୁଆ ଶିଳ୍ପୀ ଅକ୍ଷୟ ମହାପାତ୍ର ଗତ କିଛି ବର୍ଷ ହେବ ପ୍ରତି ନୂଆ ବର୍ଷରେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ କିଛି ନୂଆ ଜିନିଷ ଉପହାର ଦେଇଆସୁଛନ୍ତି । ଚଳିତ ବର୍ଷ ନୂଆ ବର୍ଷ ଆରମ୍ଭରେ ଅକ୍ଷୟ ନବୀନ ନିବାସରେ ପହଞ୍ଚି ନିଜ ହାତ ତିଆରି ସୋଲ ଏବଂ ଅରୁଆ ଚାଉଳରେ ନିର୍ମିତ ଦେଢ଼ ଫୁଟ୍‌ର ନନ୍ଦିଘୋଷ ରଥ ଉପହାର ପ୍ରଦାନ କରିଛନ୍ତି । ଏହାରି ଭିତରେ ଜଗନ୍ନାଥ, ବଳଭଦ୍ର ଏବଂ ମା' ସୁଭଦ୍ରା ବିରାଜମାନ କରିଥିବା ଦେଖାଯାଇଛି । ଏପରି କଳାକୃତିକୁ ଦେଖି ନବୀନ ପଟ୍ଟନାୟକ ଅତ୍ୟନ୍ତ ଖୁସି ହୋଇ ଉପହାରଟି ଗ୍ରହଣ କରି ଶିଳ୍ପୀ ଅକ୍ଷୟଙ୍କୁ ପ୍ରଶଂସା କରିଥିଲେ । ପିପିଲିରେ ବର୍ତ୍ତମାନ କିପରି ଚାନ୍ଦୁଆ ଶିଳ୍ପ ଚାଲିଛି ସେ ବିଷୟରେ ପଚାରି ବୁଝିଥିଲେ ।

■ ଅଲାରନାଥଙ୍କ ପୁଷ୍ୟାଭିଷେକ

# ରାଜରାଜେଶ୍ୱର ବେଶରେ ଭକ୍ତଙ୍କୁ ଦର୍ଶନ

ବ୍ରହ୍ମଗିରି,୩।୧(ସମିସ): ପୁରୀ ଶ୍ରୀକ୍ଷେତ୍ର ଧାମରେ ଶ୍ରୀଜଗନ୍ନାଥ ମହାପ୍ରଭୁ ଓ ବ୍ରହ୍ମକ୍ଷେତ୍ର ବ୍ରହ୍ମଗିରିରେ ବିରାଜିତ ଶ୍ରୀଅଲାରନାଥଙ୍କ ମଧ୍ୟରେ ଦୃଢ଼ ସାମଞ୍ଜସ୍ୟ ରହିଛି । ଶନିବାର ପବିତ୍ର ପୌଷ ପୂର୍ଣ୍ଣିମାରେ ଶ୍ରୀକ୍ଷେତ୍ରରେ ମହାପ୍ରଭୁଙ୍କର ପୁଷ୍ୟାଭିଷେକ ଅନୁଷ୍ଠିତ ହୋଇଥିବାବେଳେ ବ୍ରହ୍ମଗିରିର ଶ୍ରୀଅଲାରନାଥଙ୍କ ପୀଠରେ ମଧ୍ୟ ପୁଷ୍ୟାଭିଷେକ ଅନୁଷ୍ଠିତ ହୋଇଯାଇଛି । ପଞ୍ଚତୀର୍ଥରୁ ଆନୟନ ହୋଇଥିବା ୧୦୮ ମନ୍ତ୍ରପୁତ କଳସ ଜଳରେ ମହାପ୍ରଭୁଙ୍କୁ ସ୍ନାନ କରିଛନ୍ତି । ଇତି ଅବସରରେ ମା' ମହାଲକ୍ଷ୍ମୀଙ୍କୁ ମଧ୍ୟ ମନ୍ତ୍ରପୁତ ସୁଗନ୍ଧ ଜଳରେ ସ୍ନାନ କରାଯାଇଛି । ବର୍ଷକ ମଧ୍ୟରେ ଅଲାରନାଥ ଦେବ ପୀଠରେ ଦଶହରା, ପୌଷ ପୂର୍ଣ୍ଣିମା ଓ କାର୍ତ୍ତିକ ପୂର୍ଣ୍ଣିମାରେ ରାଜରାଜେଶ୍ୱର ବେଶରେ ଭକ୍ତମାନଙ୍କୁ ଦର୍ଶନ ଦେଇଥିବାବେଳେ ଶ୍ରୀଜୀଉ ରାଜରାଜେଶ୍ୱର ବେଶରେ ଭକ୍ତମାନଙ୍କୁ ଦର୍ଶନ ମିଳିଛି ।



ପୁଷ୍ୟାଭିଷେକ ଓ ରାଜରାଜେଶ୍ୱର ବେଶ ଦେଖିବା ପାଇଁ ଭକ୍ତଙ୍କ ଭିଡ଼ ଲାଗିରହିଥିଲା । ଶୁକ୍ରବାରଠାରୁ ମହୋଦଧି, ଅର୍ଜୁନସର, ଭାର୍ଗବୀ ନଦୀ, ମନ୍ଦିର ପରିସରରେ ଥିବା ଗଙ୍ଗା ଓ ଯମୁନା(କୂପ)ର ପବିତ୍ର ପଞ୍ଚ ତୀର୍ଥ ଜଳକୁ ପଣ୍ଡା ସେବକ, ପତ୍ରୀସେବକ ଓ ସୁଆର ସେବକଙ୍କ ଦ୍ୱାରା ସଂଗ୍ରହ ହୋଇ ଚୁଆ, ଚନ୍ଦନ, ଅଗୁର, କସ୍ତୁରୀ, କେଶର, କର୍ପୂର, ସୁଦ୍ଧ ଘିଅ

### ୧୦୮ ଗରା ତୀର୍ଥଜଳରେ ଶ୍ରୀଜୀଉଙ୍କ ସ୍ନାନ

ମିଶ୍ରିତ କରାଯାଇ ରୀତିନୀତି ଅନୁସାରେ ପାଟବସ୍ତ୍ର ଛାଉଣୀ ହୋଇ ଗର୍ଭଗୃହରେ ମହଜୁଦ୍ ରହିଥିଲା । ଶନିବାର ସକାଳେ ଦ୍ୱାର ଖୋଲାଯିବା ପରେ ଅବକାଶ ନୀତି, ବଲ୍ଲଭ, ପହିଲି ଭୋଗ ଓ ସମସ୍ତ ନୀତିକାନ୍ତି ଅନୁଷ୍ଠିତ ହୋଇ ମନ୍ଦିର ପରିସରରେ ଥିବା ଶ୍ରୀଚୈତନ୍ୟ ଚକଡ଼ାରେ ପଣ୍ଡିତଙ୍କ ସୁରେଶ ଚନ୍ଦ୍ର ଦାଶଙ୍କ ଦ୍ୱାରା ବେଦୀ ହୋମ ଅନୁଷ୍ଠିତ ହୋଇଥିଲା । ଅପରାହ୍ଣ ୩ଟା ୩୦ରେ ମନ୍ତ୍ର ପଠନ କରାଯାଇ ୧୦୮ କଳସ ମନ୍ତ୍ରପୁତ ପଞ୍ଚତୀର୍ଥ ଜଳରେ ସେବାୟତମାନେ ରତ୍ନସିଂହାସନ ଉପରେ ଶ୍ରୀଜୀଉଙ୍କୁ ସ୍ନାନ କରାଇବା ସହିତ ମହାଲକ୍ଷ୍ମୀଙ୍କୁ ମଧ୍ୟ ସ୍ନାନ କରାଇଥିଲେ । ମହାଲକ୍ଷ୍ମୀଙ୍କୁ ସୁଆର ସେବକମାନେ ବାହୁ ବିଜେ କରି ଅର୍ଗଳି ନିକଟରେ ଅଲାରନାଥଙ୍କ ସହ ଭେଟ କରାଇଥିଲେ । ମା' ପାଲିଙ୍କି ଆରୁଢ଼ ହୋଇ ମନ୍ଦିର ଚାରି ପାଖରେ ଗୁପ୍ତ ବେଢ଼ା ହୋଇଥିଲେ । ପରେ ଖିରି, ମାଲପୁଆ, ମଣ୍ଡାପିଠା ଆଦି ବିଭିନ୍ନ ଭୋଗ ଲାଗି କରାଯାଇଥିଲା । ସେବାୟତ ନିଯୋଗର ନୀଳମଣି ସୁଆର, ନାରାୟଣ ପୂଜାପଣ୍ଡା, ଜଗମୋହନ ସୁଆର, ମଧୁସୂଦନ ପୂଜାପଣ୍ଡା, ସୁକାନ୍ତ ସୁଆର, ସୁରେନ୍ଦ୍ର ସୁଆରଙ୍କ ସମେତ ଅନ୍ୟାନ୍ୟ ସେବାୟତମାନେ ସେବାରେ ନିୟୋଜିତ ଥିଲେ ।

## ଯୁବତୀଙ୍କ ସନ୍ଦେହଜନକ ମୃତ୍ୟୁ

କାକଟପୁର/ବାଙ୍ଗୁରିଗାଁ,୩।୧(ସମିସ): କାକଟପୁର ଥାନା ଅଧୀନସ୍ଥ ବାଙ୍ଗୁରିଗାଁ ଗ୍ରାମର ଶଙ୍କର ସାହୁଙ୍କ ଝିଅ ସସ୍ମିତା ସାହୁ (୨୪)ଙ୍କ ଶୁକ୍ରବାର ସନ୍ଦେହଜନକ ଭାବେ ମୃତ୍ୟୁ ଘଟିଛି । ସସ୍ମିତାଙ୍କୁ ନିଜ ଘରେ ଝୁଲନ୍ତା ଅବସ୍ଥାରେ ପରିବାର ଲୋକେ ଉଦ୍ଧାର କରି ବାଙ୍ଗୁରିଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣିଥିଲେ । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିବା ପରେ କାକଟପୁର ଥାନାକୁ ଖବର ଦେଇଥିଲେ । ଥାନା ପକ୍ଷରୁ ଏଏସ୍ଆଇ ମନୋରଞ୍ଜନ ହାତୀ ଘଟଣାସ୍ଥଳରେ ପହଞ୍ଚି ଶବ ଜବତ କରିବା ସହିତ ବ୍ୟବଚ୍ଛେଦ ପାଇଁ ଚାରିଛକ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଇଥିଲେ । ସସ୍ମିତାଙ୍କ ମୃତ୍ୟୁର କାରଣ ଅସ୍ପଷ୍ଟ ଥିବାବେଳେ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ପ୍ରକୃତ ସତ୍ୟ ପଦାକୁ ଆସିବ ବୋଲି ଆଇଆଇସି ବସନ୍ତ କୁମାର ସାହୁ ସୂଚନା ଦେଇଛନ୍ତି । ଏ ସଂକ୍ରାନ୍ତରେ କାକଟପୁର ଥାନାରେ ଏକ ଅପମୃତ୍ୟୁ ମାମଲା(୧/୨୦୨୬) ରୁଜୁ କରାଯାଇ ଅଧିକ ତଦନ୍ତ ଜାରି ରହିଛି ।

## ରାସ୍ତାରୋକ କରିବାକୁ ଆସି ଭାଙ୍ଗିଲେ ଦୋକାନ

ନୟାହାଟ,୩।୧(ସମିସ): ଶୁକ୍ରବାର ରାତି ୧୧ଟାରେ ଶତାଧିକ ବ୍ୟକ୍ତି ପିଣ୍ଟୁ ରାଉତଙ୍କ ଶବ ରଖି ନିମାପଡ଼ା-ଅସ୍ତରଙ୍ଗ ମୁଖ୍ୟ ରାସ୍ତା ୩ ଘଣ୍ଟା ଧରି ଅବରୋଧ କରିଥିଲେ । ଫଳରେ ଗାଡ଼ି ଚଳାଚଳ ବନ୍ଦ ହୋଇଥିଲା । ଖବର ପାଇ ଗୋପ ଥାନାଧିକାରୀ ପ୍ରଶାନ୍ତ ପଢ଼ିଆରି ଓ ନିମାପଡ଼ା ଡିଏସ୍‌ପି ଜନାର୍ଦ୍ଦନ ପାଢ଼ୀ ପୁଲିସ ଫୋର୍ସ ଘଟଣାସ୍ଥଳରେ ପହଞ୍ଚି ଉତ୍ୟକ୍ତ ଲୋକଙ୍କୁ ବୁଝାଇବାବେଳେ କେତେକ ବ୍ୟକ୍ତି ପୁଲିସ କଥା ନ ମାନି କୈଳାସ ନାୟକଙ୍କ ଦୋକାନ ଭଙ୍ଗାରୁଜା କରିଥିଲେ । ଏଥିସହ ଗୋପ ଥାନା ଏରବଙ୍ଗ ଗ୍ରାମର ଜନୈକ ଯୁବକ ପୁଲିସକୁ ଗାଳିଗୁଲଜ କରିବା ସହ ଫାଣ୍ଡିକୁ ପେଟ୍ରୋଲ ଲଗାଇ ଜାଳିବାକୁ ରାସ୍ତା ଅବରୋଧକାରୀଙ୍କୁ ଉସୁକାଉଥିଲେ । ହତ୍ୟାକାଣ୍ଡରେ ସମ୍ପୃକ୍ତ ଦୁଇଜଣଙ୍କୁ ଗିରଫ କରାଯାଇଛି ବୋଲି ଡିଏସ୍‌ପି ଶ୍ରୀ ପାଢ଼ୀ କହିବା ସହ ଅନ୍ୟମାନଙ୍କୁ ତୁରନ୍ତ ଗିରଫ କରାଯିବ ବୋଲି ପ୍ରତିଶ୍ରୁତି ଦେବାରୁ ରାସ୍ତାରୋକ ହଟିଥିଲା । କୈଳାସଙ୍କ ଦୋକାନ ଭଙ୍ଗା ଘଟଣାରେ ସିସିଟିଭି ଫୁଟେଜ୍ ଦେଖି ଲୋକ ଚିହ୍ନଟ କରାଯାଇ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଗୋପ ଥାନା ଅଧିକାରୀ ଶ୍ରୀ ପଢ଼ିଆରୀ କହିଛନ୍ତି ।



## ବୋମା ବିସ୍ଫୋରଣ; ମହିଳା ଗୁରୁତର

ବ୍ରହ୍ମଗିରି,୩।୧(ସମିସ): ଶନିବାର ସକାଳୁ ରେବଣା ନୂଆଗାଁରେ ଘର ପଛପଟେ ବୋମା ବିସ୍ଫୋରଣରେ ଜଣେ ମହିଳା ଗୁରୁତର ହୋଇଛନ୍ତି । ତାଙ୍କୁ ଚିକିତ୍ସା ପାଇଁ ରେବଣା ନୂଆଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନିଆଯାଇଥିଲା । ସେଠାରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ପୁରୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି । ଖବର ନେବାରେ ଜଣାପଡ଼ିଛି, ବ୍ରହ୍ମଗିରି ଥାନା ଅନ୍ତର୍ଗତ ରେବଣା ନୂଆଗାଁର ଯମୁନା ବରାଳ(୬୦) ଶନିବାର ସକାଳୁ ନିଜ ବାରିପାଟ ଓଳେଇବା ସମୟରେ ବହୁ ଦିନରୁ ଏକ ଅଫୁଟା ବୋମା ରହିଥିଲା । ଓଳେଇବା ସମୟରେ ହଠାତ୍ ଏହା ବିସ୍ଫୋରଣ ହୋଇଥିଲା । ମହିଳା ଜଣକ କିଛି ଭାବିବା ଆଗରୁ ତାଙ୍କର ଦୁଇଟିଯାକ ହାତରେ ଗଭୀର ଆଘାତ ଲାଗିଛି । ଦୁଇଟିଯାକ ହାତ ଫାଟି ଯାଇଥିବା ଜଣାପଡ଼ିଛି । ତେବେ କାହିଁକି ଏବଂ କିଏ ଏହି ଅଫୁଟା ବୋମାଙ୍କୁ ଘର ପଛପଟେ ରଖିଥିଲା ତାହା ଜଣାପଡ଼ିନାହିଁ ।

# ପ୍ରାଚୀ ତଟରେ ମହା ସନ୍ଧ୍ୟା ଆଳତି

ନିମାପଡ଼ା,୩।୧(ସମିସ): ନିମାପଡ଼ା ବ୍ଲକ୍ ଅନ୍ତର୍ଗତ ତୁଳସୀପୁର ନିକଟସ୍ଥ ବନ୍ଦେଶ୍ୱରଙ୍କ ପୀଠରେ ଜଗତ କଲ୍ୟାଣ ଉଦ୍ଦେଶ୍ୟରେ ପ୍ରାଚୀ ନଦୀ ତଟରେ ମହା ସନ୍ଧ୍ୟା ଆଳତି କାର୍ଯ୍ୟକ୍ରମ ମହାସମାରୋହରେ ବାବା ଶ୍ରୀମନ୍ତ ରଥଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଏହି ସନ୍ଧ୍ୟା ଆଳତି କରିବାର ତାତ୍ପର୍ଯ୍ୟ ପ୍ରାଚୀ ନଦୀ ଗଙ୍ଗା ନଦୀଠାରୁ ଶହେ ବର୍ଷ ବଡ଼ ବୋଲି କିମ୍ବଦନ୍ତୀ ରହିଛି । ଏହି ପୁଣ୍ୟତୋୟା ପ୍ରାଚୀ ନଦୀ କୂଳରେ ଅଷ୍ଟ ମାଧବ, ଅଷ୍ଟଚଣ୍ଡୀ, ଅଷ୍ଟତୀର୍ଥ ଏବଂ ଏଠାକୁ ପଞ୍ଚୁପାଣ୍ଡବ ଆସିଥିଲେ ବୋଲି ପ୍ରାଚୀ ଇତିହାସରେ ବର୍ଣ୍ଣନା କରାଯାଇଛି । ପ୍ରାଚୀ ନଦୀର ଅନ୍ୟ ନାମ ଗୁପ୍ତ ସରସ୍ୱତୀ, ଅନନ୍ତ ଯୁଗର ମୁଖ୍ୟ ମାତୃଶକ୍ତି ଧାରଣ କରିଥିବା ଯୋଗୁଁ ତାଙ୍କର ଆଳତି କରି ତାଙ୍କର ଶରଣାଗତ ହୋଇଥିବା ଉପସ୍ଥିତ ସାଧୁମାନେ ପ୍ରକାଶ କରିଛନ୍ତି । ଏହି କାର୍ଯ୍ୟକ୍ରମରେ ପଣ୍ଡିତ ଅମୂଲ୍ୟ ମିଶ୍ର, ରମାକାନ୍ତ ମିଶ୍ର ସହଯୋଗ କରିଥିବାବେଳେ ସନ୍ତୋଷ ମିଶ୍ର କର୍ତ୍ତା ହୋଇଥିଲେ । ବନ ବିହାରୀ ଦାଶ, ସୁବାସ ଚନ୍ଦ୍ର ଦାଶ, ସୁଶାନ୍ତ ସାହୁ, ରଶ୍ମି ରଞ୍ଜନ ଦାସ, ନିରଞ୍ଜନ ଜେନା, ସୋନିତା ମିଶ୍ର, ସସ୍ମିତା ଦାଶଙ୍କ ସହିତ ଶତାଧିକ ଶ୍ରଦ୍ଧାଳୁ ଉପସ୍ଥିତ ଥିଲେ ।



## ଶୀତ ବସ୍ତ୍ର ବଣ୍ଟନ ଓ ବୃକ୍ଷରୋପଣ

କଣାସ,୩।୧(ସମିସ): ହାପି ମେମୋରିଆଲ୍ ଚାରିଟେବୁଲ୍ ଟ୍ରଷ୍ଟ ପକ୍ଷରୁ ବିସ୍ମୟ ସାମନ୍ତରାୟଙ୍କ ସ୍ମୃତି ଉଦ୍ଦେଶ୍ୟରେ ଶନିବାର କଣାସ ବ୍ଲକ୍ ତ୍ରିଲୋଚନପୁର ଗ୍ରାମପଞ୍ଚାୟତ ବେଲପଡ଼ା ଗ୍ରାମରେ ଡ. ହେମନ୍ତ କୁମାର ଛୋଟରାୟଙ୍କ ସଭାପତିତ୍ୱରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ କେତେକ ବୃଦ୍ଧବୃଦ୍ଧା ଓ ଭିନ୍ନକ୍ଷମମାନଙ୍କୁ ଶୀତ ବସ୍ତ୍ର ବଣ୍ଟନ କରାଯାଇଥିବା ବେଳେ ବିଭିନ୍ନ କିସମର କେତୋଟି ଚାରା ରୋପଣ କରାଯାଇଥିଲା । ଐତିହାସିକ ବୈକୁଣ୍ଠନାଥ ନରେନ୍ଦ୍ରଙ୍କୁ ତାଙ୍କର ସାରସ୍ୱତ ସୃଷ୍ଟି ପାଇଁ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି ସଭାରେ ତ୍ରିଲୋଚନପୁର ଗ୍ରାମପଞ୍ଚାୟତର ପ୍ରାକ୍ତନ ସରପଞ୍ଚ ରାଜକିଶୋର ରଣସିଂହ, କଣାସ ବ୍ଲକ୍ ପୂର୍ବତନ ଅଧ୍ୟକ୍ଷ ଶୁଶିଲ୍‌କାନ୍ତ ରାଉତ, ପ୍ରାକ୍ତନ ସହ ଶିକ୍ଷାଧିକାରୀ ସର୍ବେଶ୍ୱର ଜେନା, ସରପଞ୍ଚ ପ୍ରତିନିଧି ଗୁଣନିଧି ପାତ୍ର, ଶିକ୍ଷକ ନେତା ଭାଗିରଥି ମହାପାତ୍ର, ବିଶିଷ୍ଟ ସାହିତ୍ୟିକ କୃପାସିନ୍ଧୁ ବିଶ୍ୱାଳ, ଶିକ୍ଷାବିତ୍ ଜିତେନ୍ଦ୍ର କୁମାର ପେଣ୍ଢୋ, ସମାଜସେବୀ ଶ୍ରୀକାନ୍ତ ପାଟ୍ଟଯୋଷୀ ଏବଂ ଅନେକ ବୁଦ୍ଧିଜିବୀ ଯୋଗଦେଇ ବିସ୍ମୟ ସାମନ୍ତରାୟଙ୍କ ସ୍ମୃତିଚାରଣ କରିଥିଲେ ।

## ଧର୍ମପରାୟଣ ମହିଳାଙ୍କ ପରଲୋକ



ଅସ୍ତରଙ୍ଗ,୩।୧(ସମିସ): ଶନିବାର ଭୋର୍ ୪ଟା ୩୦ରେ ଅସ୍ତରଙ୍ଗ ଅଞ୍ଚଳର ସାମ୍ବାଦିକ ତଥା ଅସ୍ତରଙ୍ଗ ୨ ନମ୍ବର ୱାର୍ଡର ୱାର୍ଡସଭ୍ୟ ମନୋଜ ବିଶ୍ୱାଳଙ୍କ ମାଆ ରେବତୀ ବିଶ୍ୱାଳ(୭୪)ଙ୍କର ହୃଦ୍‌ଘାତରେ ପରଲୋକ ହୋଇଯାଇଛି । ସେ ଜଣେ ଧର୍ମପରାୟଣା, ସ୍ନେହୀ ମହିଳା ଥିଲେ । ହଠାତ୍ ଛାତିରେ ଯନ୍ତ୍ରଣା ଅନୁଭବ କାରଣରୁ ତାଙ୍କୁ ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା । କିନ୍ତୁ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ପୁଅ ଉମାକାନ୍ତ ବିଶ୍ୱାଳ, ବଟକୃଷ୍ଣ, ମନୋଜ ଏବଂ ବୋହୂ କବିତା ବିଶ୍ୱାଳ, ଟୁନି ବିଶ୍ୱାଳ, ପ୍ରଭାତୀ ବିଶ୍ୱାଳ, ଜ୍ୱାଇଁ ଜଟାଧାରୀ, ଝିଅ ଦେବସ୍ମିତା ବିଶ୍ୱାଳ, ନାତି ନାତୁଣୀ, ଅସ୍ତରଙ୍ଗ ସାମ୍ବାଦିକ ସଂଘର କର୍ମକର୍ତ୍ତା ପ୍ରମୁଖ ଉପସ୍ଥିତ ରହି ଆତ୍ମାରେ ସଦ୍‌ଗତି କାମନା କରିଥିଲେ । ଗାଁ ଶ୍ମଶାନରେ ଜ୍ୟେଷ୍ଠ ପୁତ୍ର ଉମାକାନ୍ତ ମୁଖାଗ୍ନି ଦେଇଥିଲେ ।

## ପ୍ରାଚୀ ଗୁରୁ ଧର୍ମ କ୍ଷେତ୍ରରେ ଦେବାଭିଷେକ ଉତ୍ସବ



ନୟାହାଟ,୩।୧(ସମିସ): ଗୋପ ବ୍ଲକ୍ ଅନ୍ତର୍ଗତ ନୟାହାଟସ୍ଥିତ ପ୍ରାଚୀ ଗୁରୁ ଧର୍ମକ୍ଷେତ୍ରରେ ଶ୍ରୀଗୁରୁଦେବଙ୍କ ଆସନ୍ନ ମନ୍ଦିରରେ ଆଶ୍ରମର ମୁଖ୍ୟ ବାବାଜୀ ଦାମୋଦର ଦାସଙ୍କ ତତ୍ତ୍ୱାବଧାନରେ ଶନିବାର ପବିତ୍ର ତିଥିରେ ଦେବାଭିଷେକ ଉତ୍ସବ ପାଳିତ ହୋଇଯାଇଛି । ପ୍ରତ୍ୟୁଷରୁ ମଙ୍ଗଳ ଆଳତି, ସମୂହ ବିଶ୍ୱ ଶାନ୍ତି ପ୍ରାର୍ଥନା ପରେ ଶ୍ରୀ ଗୁରୁଦେବଙ୍କୁ ପଞ୍ଚ ତୀର୍ଥ ଜଳରେ ମହାସ୍ନାନ ପର୍ବ ଅନୁଷ୍ଠିତ ହୋଇଥିଲା । ଏହି ଉପଲକ୍ଷେ ଶ୍ରୀବିଗ୍ରହ ସମ୍ପୂର୍ଣ୍ଣ ପୁଷ୍ପ ବିମାନରେ ଅବସ୍ଥାନ ହୋଇ ବାବାଜୀ ଅକ୍ଷୟ କୁମାର ଦାସ ଷୋଡ଼ଶ ଉପଚାରରେ ଗୁରୁଦେବଙ୍କୁ ପୂଜାର୍ଚ୍ଚନା କରିଥିଲେ । ଅନୁ ମା', ଶାନ୍ତି ମା', ବିନି ମା', ବାସନ୍ତୀ ମା', ସବିତା ମା' ପ୍ରମୁଖ ଗୁରୁଦେବଙ୍କୁ ବନ୍ଦାପନା କରିଥିଲେ । ଏହି ଉତ୍ସବରେ ବାବାଜୀ ଦାମୋଦର ଦାସ, ସେବିକା ସବିତା ଦାସ, ଶକୁନ୍ତଳା ଦାଶ ଭଜନ ପରିବେଷଣ କରିଥିଲେ । ଉତ୍ସବକୁ ନୀଳମଣି ସାହୁ, ମହେଶ ସାହୁ, କୃଷ୍ଣ ଚନ୍ଦ୍ର ଓଝା, ରମେଶ ବୀଟି, ସେବକ ପ୍ରୀତି ରଞ୍ଜନ ଦାସ ପ୍ରକାଶ ପ୍ରମୁଖ ପରିଚାଳନା କରିଥିଲେ ।

## ସାକ୍ଷୀଗୋପାଳଙ୍କ ପୁଷ୍ୟାଭିଷେକ

ସାକ୍ଷୀଗୋପାଳ,୩।୧(ସମିସ): ଶନିବାର ପବିତ୍ର ପୌଷ ମାସ ପୂର୍ଣ୍ଣିମା ଅବସରରେ ସାକ୍ଷୀଗୋପାଳ ମନ୍ଦିରରେ ଠାକୁର ଶ୍ରୀଶ୍ରୀଗୋପାଳଜୀଉ ଓ ଠାକୁରାଣୀ ଶ୍ରୀଶ୍ରୀ ରାଧାରାଣୀଙ୍କ ପୁଷ୍ୟାଭିଷେକ ବେଶ ଅନୁଷ୍ଠିତ ହୋଇଥିଲା । ଦ୍ୱିପହର ଧୂପରେ ଠାକୁର ଶ୍ରୀଶ୍ରୀଗୋପାଳଜୀଉ ଓ ଠାକୁରାଣୀ ଶ୍ରୀଶ୍ରୀ ରାଧାରାଣୀଙ୍କୁ ଅଭିମନ୍ତ୍ରିତ ସୁଗନ୍ଧିତ ଜଳରେ ନଅଘର ପୁଷ୍ପାଳକ ପୂର୍ଣ୍ଣସ୍ନାନ କରାଇଥିଲେ । ନୂତନ ବସ୍ତ୍ର ଲାଗି, ଜାତଭୋଗ ଓ ଆଳତି ଉପଚାର କରାଯିବା ପରେ କୁସୁମ, ମାଣିକୀଚାନ୍ଦି, ରଜନୀଗନ୍ଧା, ଗୋଲାପ, ଟଗର, ସୁଗନ୍ଧରାଜ ପ୍ରଭୃତି ସୁଗନ୍ଧିତ ଫୁଲରେ ପ୍ରସ୍ତୁତ ଠାକୁରଙ୍କ ଘୋଡ଼, ଟୋପି, ଛତି, ତ୍ରାସ, ଟାହିଆ ଓ ଫୁଲମାଳ ଲାଗି କରାଯାଇଥିଲା । ରାତି ୯ଟା ପର୍ଯ୍ୟନ୍ତ ଠାକୁରଙ୍କ ଏହି ଦୁର୍ଲ୍ଲଭ ବେଶ ଦେଖିବା ପାଇଁ ମନ୍ଦିରରେ ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗିଥିଲା ।

# ନିଗମାନନ୍ଦ ମହିଳା ମହାବିଦ୍ୟାଳୟରେ ବାର୍ଷିକ କ୍ରୀଡ଼ା ଉତ୍ସବ

ଚାରିଛକ,୩।୧(ସମିସ): ପୁରୀ ଜିଲ୍ଲା ନିମାପଡ଼ା ବ୍ଲକ୍ ଅନ୍ତର୍ଗତ ଚାରିଛକସ୍ଥିତ ନିଗମାନନ୍ଦ ମହିଳା ମହାବିଦ୍ୟାଳୟ ପରିସରରେ ୪୩ତମ ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଘାଟିତ ହୋଇଯାଇଛି । ମହାବିଦ୍ୟାଳୟର ଅଧ୍ୟକ୍ଷା ପ୍ରଫେସର ମିତ୍ରା ମହାପାତ୍ର ଉଦ୍‌ଘାଟନ କରି ଛାତ୍ରୀମାନଙ୍କୁ ଜୀବନରେ କ୍ରୀଡ଼ାର ଉପକାରିତା ସମ୍ବନ୍ଧରେ ଗୁରୁତ୍ୱାରୋପ କରିଥିଲେ । ମୁଖ୍ୟ ଅତିଥି ରୂପେ ଅବସରପ୍ରାପ୍ତ କ୍ରୀଡ଼ା ଅଧିକାରୀ ସଚିନ୍ଦ୍ର ମାଝୀ ଯୋଗଦେଇ ରାଜ୍ୟ ସରକାର ଶିକ୍ଷାକୁ ଯେଭଳି ଗୁରୁତ୍ୱ ଦେଉଛନ୍ତି, କ୍ରୀଡ଼ାକୁ ମଧ୍ୟ ସେହିଭଳି ଗୁରୁତ୍ୱ ପ୍ରଦାନ କରୁଛନ୍ତି ବୋଲି ଅଭିହିତ କରିବା ସହ କ୍ରୀଡ଼ା କ୍ଷେତ୍ରରେ ଥିବା ସୁବିଧାସୁଯୋଗ ଉପରେ ଆଲୋକପାତ କରିଥିଲେ । ସମ୍ମାନିତ ଅତିଥିରୂପେ ପ୍ରାକ୍ତନ ଅଧ୍ୟକ୍ଷ ପ୍ରଫେସର ଗୋପୀନାଥ କର ଏବଂ ମହାବିଦ୍ୟାଳୟ ପ୍ରଶାସନିକ ଅଧିକାରୀ ଡ. ଅଶୋକ ବିଶ୍ୱାଳ ଯୋଗଦେଇଥିଲେ । +୩ କ୍ରୀଡ଼ା ଅଧିକାରୀ ଡ. ଶ୍ରୀଲେଖା ନାୟକ ବାର୍ଷିକ ବିବରଣୀ ପାଠ କରିଥିଲେ । ଅଧ୍ୟାପକ ଜୀବନ ଦାଶ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ । +୨ କ୍ରୀଡ଼ା ଅଧିକାରୀ ଅଧ୍ୟାପିକା କଲ୍ୟାଣୀ ସ୍ୱାଇଁ, ଅଧ୍ୟାପିକା ମଧୁମିତା ଦେଇ, କ୍ରୀଡ଼ା ଶିକ୍ଷୟିତ୍ରୀ ପାର୍ବତୀ ପରିଡ଼ା, ଅଧ୍ୟାପକ ଜଗନ୍ନାଥ ପଣ୍ଡା ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତାକୁ ପରିଚାଳନା କରିଥିଲେ । ପ୍ରାରମ୍ଭରେ ମଶାଲ ଶୋଭାଯାତ୍ରା ସହ କ୍ରୀଡ଼ା ପତାକା ଉତ୍ତୋଳନ କରାଯାଇଥିଲା । ସଫଳତା ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା । ଶେଷରେ ଅଧ୍ୟାପିକା ସଙ୍ଗୀତା ଦାଶ ଧନ୍ୟବାଦ ଅର୍ପଣ କରିଥିଲେ ।

















## ଖଣ୍ଡପଡ଼ା ଏନ୍ଏସିରେ ଟେଣ୍ଡର ଫିକ୍ସିଂ ଚକ୍ରାନ୍ତ

# ଜିଲ୍ଲାକୁ ଆସୁ ନ ଥିବା ଖବରକାଗଜରେ ବିଜ୍ଞାପନ

**ନୟାଗଡ଼,୩।୧(ସମିସ):** ନୟାଗଡ଼ ଜିଲ୍ଲାର ଏନ୍ଏସି ଓ ପୌରାଞ୍ଚଳଗୁଡ଼ିକରେ ବିକାଶମୂଳକ କାର୍ଯ୍ୟଗୁଡ଼ିକରେ ସାଂଘାତିକ ଭାବେ ଟେଣ୍ଡର ଫିକ୍ସିଂ କରାଯାଉଥିବା ନେଇ ଦୀର୍ଘଦିନ ଧରି ଅସନ୍ତୋଷ କୁହୁଳୁଛି। ସୂଚନା ଓ ଲୋକ ସମ୍ପର୍କ ବିଭାଗକୁ ଆୟୁଦ୍ଧ କରି କିଛି ଅନାମଧେୟ ଖବରକାଗଜରେ ବିଜ୍ଞାପନ ଛାପି ଲୁକ୍କାୟିତ ଭାବେ ଟେଣ୍ଡର ପ୍ରକ୍ରିୟାକୁ ଶେଷ କରାଯାଉଛି। ଯାହାର ଜ୍ୱଳନ୍ତ ଉଦାହରଣ ନୟାଗଡ଼ ଜିଲ୍ଲା ଖଣ୍ଡପଡ଼ା ବିଜ୍ଞପିତ ଅଞ୍ଚଳ ପରିଷଦରେ ଦେଖିବାକୁ ମିଳିଛି। ଜିଲ୍ଲାକୁ ଆସୁ ନ ଥିବା ଦୁଇଟି ଅନାମଧେୟ ଖବରକାଗଜରେ ବିଜ୍ଞାପନ ଛାପି ଲୁକ୍କାୟିତ ଭାବେ ଟେଣ୍ଡର ପ୍ରକ୍ରିୟା କରାଯିବାକୁ ବ୍ୟବସ୍ଥା ହୋଇଛି। ଏନେଇ ଖଣ୍ଡପଡ଼ା ଏନ୍ଏସି ନିର୍ବାହୀ ଅଧିକାରୀ ଗତ ୧୬ ତାରିଖରେ ସୂଚନା ଓ ଲୋକ ସମ୍ପର୍କ ବିଭାଗକୁ କରିଥିବା ଚିଠି ଏବଂ ସୂଚନା ଓ ଲୋକ ସମ୍ପର୍କ ବିଭାଗରୁ ଦୁଇଟି ଖବରକାଗଜକୁ ଦିଆଯାଇଥିବା ଅର୍ଡର କପି ଖଣ୍ଡପଡ଼ା ଅଞ୍ଚଳରେ ଭାଇରାଲ ହୋଇଛି।




ଗତ ଡିସେମ୍ବର ୧୬ ତାରିଖରେ ଖଣ୍ଡପଡ଼ା ଏନ୍ଏସି ପକ୍ଷରୁ ଚିଠି ନଂ ୨୫୪୪ ଅନୁସାରେ ସୂଚନା ଓ ଲୋକ ସମ୍ପର୍କ ବିଭାଗକୁ ବିଜ୍ଞାପନ ଛାପିବା ପାଇଁ ଚିଠି କରାଯାଇଥିଲା। ଉକ୍ତ ଚିଠିରେ ସ୍ପଷ୍ଟ ଭାବେ ଗୋଟିଏ ଦିନରେ ଦୁଇଟି ଲୋକାଲ ଖବରକାଗଜରେ ବିଜ୍ଞାପନ ଛାପିବାକୁ ଅନୁରୋଧ କରାଯାଇଥିଲା। ସେହି ଅନୁସାରେ, ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଡିସେମ୍ବର ୧୮ ତାରିଖରେ ବିଜ୍ଞାପନ ନଂ ୧୩୧୪୭ ଅନୁସାରେ ଦୁଇଟି ଖବରକାଗଜରେ ବିଜ୍ଞାପନ ଛାପିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଉକ୍ତ ଦୁଇଟି ଖବରକାଗଜ ନାମ ନୟାଗଡ଼ ଜିଲ୍ଲାବାସୀ ପ୍ରଥମ ଥର ପାଇଁ ଶୁଣିବାକୁ ପାଇଥିବା କହିଛନ୍ତି। ଏହି ଖବରକାଗଜ ଜିଲ୍ଲା ସଦର ମହକୁମାରେ ଆସୁ ନ ଥିବାବେଳେ ଖଣ୍ଡପଡ଼ା ବହୁ ଦୂରର କଥା ବୋଲି ଜଣାପଡ଼ିଛି। ଦୁଇଟି ଅନାମଧେୟ ଖବରକାଗଜରେ ଏହି ବିଜ୍ଞାପନ ଡିସେମ୍ବର ୧୯ ତାରିଖରେ

**ଅନ୍‌ଲାଇନ୍‌ରେ ନାହିଁ କି ନୋଟିସ୍ ବୋର୍ଡରେ ନାହିଁ**

ଛପାଯାଇଥିବା ବେଳେ ତାହା କୌଣସି ଠିକାଦାର କିମ୍ବା ଖଣ୍ଡପଡ଼ାବାସୀଙ୍କ ଜ୍ଞାତକୁ ଆସି ନ ଥିବା ଜଣାପଡ଼ିଛି। ଏହି ଘଟଣା ଖୋଦ୍ ଏନ୍ଏସି ନିର୍ବାହୀ ଅଧିକାରୀ ଅଭିଷେକ ମିଶ୍ରଙ୍କ ତତ୍ତ୍ୱାବଧାନରେ କରାଯାଇଥିବା ଅଭିଯୋଗ ହୋଇଛି। ଏପରିକି ଟେଣ୍ଡର ନୋଟିଫିକେସନ୍ ଏନ୍ଏସି ପୋର୍ଟାଲ କିମ୍ବା ନୟାଗଡ଼ ଜିଲ୍ଲା ପୋର୍ଟାଲରେ ଅପ୍‌ଲୋଡ୍ କରାଯିବାର ନିୟମ ରହିଥିବାବେଳେ ଏହାକୁ କରାଯାଇନାହିଁ। ସେହିଭଳି ଖଣ୍ଡପଡ଼ା ଏନ୍ଏସି ନୋଟିସ ବୋର୍ଡରେ ଏହାକୁ ଝୁଲାଇ କାଢ଼ି ଦିଆଯାଇଥିବାରୁ ସାଧାରଣ ଲୋକେ ଟେଣ୍ଡର ବିଷୟରେ ଅବଗତ ହୋଇପାରିନାହାଁନ୍ତି। ଜାଣିଶୁଣି କିଛି ନିଜର ଲୋକ କିମ୍ବା ଫଲ୍ସ ବିଲ୍ କରିବା ଆଶାରେ ଏହି ଟେଣ୍ଡର ପ୍ରକ୍ରିୟାକୁ ଲୁକ୍କାୟିତ ରଖାଯାଇଥିବା ଅଭିଯୋଗ ହୋଇଛି। ଏନେଇ ଖଣ୍ଡପଡ଼ା ଏନ୍ଏସି ନିର୍ବାହୀ ଅଧିକାରୀ ଅଭିଷେକ ମିଶ୍ରଙ୍କୁ ପଚାରିବାରେ, ୨୯ଟି କାମ ପାଇଁ ଟେଣ୍ଡର ଆହ୍ୱାନ କରାଯାଇଛି। ଯାହାର ମୂଲ୍ୟ ୮୩ କିମ୍ବା ୮୪ ଲକ୍ଷ ରହିଛି। ସ୍ୱଚ୍ଛତାର ସହ ଟେଣ୍ଡର କରାଯାଇଛି। ଆମେ ସୂଚନା ଓ ଲୋକ ସମ୍ପର୍କ ବିଭାଗକୁ ବିଜ୍ଞାପନ ଛାପିବାକୁ ଚିଠି କରିଥିଲୁ। ସେମାନେ କେଉଁ ଖବରକାଗଜରେ ଛାପିବେ, ତାହା ତାଙ୍କ ନିଷ୍ପତ୍ତି। ଯେହେତୁ କାମଗୁଡ଼ିକ ୫ ଲକ୍ଷରୁ କମ୍ ମୂଲ୍ୟର ରହିଛି, ତେଣୁ ଏହାକୁ ଅଫ୍‌ଲାଇନ୍ କରାଯାଇଛି। କୌଣସି ପ୍ରକାର ଅଭିଯୋଗ ଆସିଲେ, ଆବଶ୍ୟକତା ଅନୁସାରେ ଏହି ଟେଣ୍ଡର ପ୍ରକ୍ରିୟାକୁ ବନ୍ଦ କରି ପୁଣି ଟେଣ୍ଡର ଆହ୍ୱାନ କରାଯିବ ବୋଲି କହିଛନ୍ତି।

## ନୀଳମାଧବଙ୍କ ସୁନାବେଶ ଓ ପୁଷ୍ପାଭିଷେକ

**ଖଣ୍ଡପଡ଼ା/କଣ୍ଟିଲୋ,୩।୧(ସମିସ):** ପବିତ୍ର ଶୁକ୍ଳପକ୍ଷ ପୌଷ ପୂର୍ଣ୍ଣମୀ ତିଥିରେ ଶ୍ରୀଜଗନ୍ନାଥଙ୍କ ଆଦ୍ୟ ପ୍ରତୀକ କଣ୍ଟିଲୋରେ ପୂଜା ପାଉଥିବା ପ୍ରଭୁ ଶ୍ରୀନୀଳମାଧବଙ୍କ ପୁଷ୍ପାଭିଷେକ ଓ ସୁନାବେଶ ନୀତି ଅନୁଷ୍ଠିତ ହୋଇଯାଇଛି। ଏହି ଦୁର୍ଲଭ ବେଶ ଦର୍ଶନ ନିମନ୍ତେ ମାଧବ କ୍ଷେତ୍ରରେ ଶୁକ୍ରବାର ସାରାଦିନ ଶ୍ରଦ୍ଧାଳୁଙ୍କ ଭିଡ଼ ପରିଲକ୍ଷିତ ହୋଇଥିଲା। ପୂଜକ ସମାଜ ସଭାପତି ମନୋଜ କୁମାର ମିଶ୍ର, ସମ୍ପାଦକ ହୃଷୀକେଶ ମିଶ୍ର, ଉପଦେଷ୍ଟା ନିହାର ରଞ୍ଜନ ମିଶ୍ରଙ୍କ ସମେତ ସମସ୍ତ ବରିଷ୍ଠ ଓ ଯୁବ ସେବାୟତଙ୍କ ସହଯୋଗ କ୍ରମେ ଦେବନୀତି ସମ୍ପନ୍ନ ହେବା ପରେ ହଜାର ହଜାର ସଂଖ୍ୟାରେ ଅପେକ୍ଷାରତ ଶ୍ରଦ୍ଧାଳୁ ଶ୍ରୀଜୀଉଙ୍କ ସୁନାବେଶ ଦର୍ଶନ କରିଥିଲେ। ଶନିବାର ପ୍ରତ୍ୟୁଷ ୭ଟା ସମୟରେ ମନ୍ଦିର ପରୀକ୍ଷା ତଥା ମୁଖ୍ୟ ପୂଜକ ବାସୁଦେବ ମିଶ୍ର ଓ ଅନ୍ୟ ପୂଜକଙ୍କ ଉପସ୍ଥିତିରେ ପହୁଡ଼ ଖୋଲିବା ପରେ ପ୍ରଥମେ ମଙ୍ଗଳ ଆଳତି, ମଇଲମ, ଅବକାଶ ନୀତି, ସୂର୍ଯ୍ୟ ପୂଜା ଓ ଦ୍ୱାରପାଳ ପୂଜା ଅନୁଷ୍ଠିତ ହେବା ପରେ ଶ୍ରୀଜୀଉଙ୍କ ମହାସ୍ନାନ ନୀତି ଅନୁଷ୍ଠିତ ହୋଇଥିଲା। ପୂର୍ବାହ୍ଣ ୧୦ଟାରେ ଶ୍ରୀଜୀଉଙ୍କ ସୁନାଲାଗି ନୀତି ଆରମ୍ଭ ହୋଇଥିଲା। ଏହାପରେ ରୋଷ ହୋମ ନୀତି ସମ୍ପନ୍ନ ହୋଇ ମହାଲକ୍ଷ୍ମୀ ବିଜେ ହେବା ପରେ ଦିନ ୧.୩୦ରେ ଦ୍ୱିପହର ଧୂପନୀତି ସମ୍ପନ୍ନ ହୋଇଥିଲା। ଖଣ୍ଡପଡ଼ା ତହସିଲ୍‌ଦାର ତଥା ଦେବୋତ୍ତର ବିଭାଗ ମୁଖ୍ୟ ବିଶ୍ୱ ବିଶ୍ରୁତ ତ୍ରିପାଠୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଦିନ ୨ଟାରେ ସୁନାବେଶ ସମାପନ ହେବା ପରେ ସାହାଣମେଲା ନୀତି ଅନୁଷ୍ଠିତ ହୋଇଥିଲା। ଶ୍ରୀଜୀଉଙ୍କ ସୁବର୍ଣ୍ଣ କିରଟୀ ସହିତ କିଆକିଆ, ମୁଖମଣ୍ଡଳ, ଆଭା, କର୍ଣ୍ଣକାପ, କୁଣ୍ଡଳ, ହାତୀ କବଚ, କଣ୍ଠି ମାଳି, ପେଟି, ଶ୍ରୀପୟର, ଶଙ୍ଖ ଶ୍ରୀଭୁଜ ଆଦି ଅଳଙ୍କାରରେ ଭୂଷିତ ହୋଇଥିଲେ।

କିମ୍ବଦନ୍ତୀ ଅନୁସାରେ ଆଜିର ଦିନରେ ରାଜା ଇନ୍ଦ୍ରଦ୍ୟୁମ୍ନଙ୍କ ନିର୍ଦ୍ଦେଶ



କ୍ରମେ ପ୍ରଭୁଙ୍କ ସନ୍ଧାନରେ ଆସିଥିବା ବ୍ରାହ୍ମଣ ବିଦ୍ୟାପତି ବିଶ୍ୱାବସୁଙ୍କ କନ୍ୟା ଲଳିତାଙ୍କୁ ବିବାହ କରିବା ପରେ ପ୍ରଥମେ ଆଖିରେ ଅନ୍ଧ ପୁଟୁଳି ବାନ୍ଧି ରାସ୍ତା ପାର୍ ହେବା ପରେ ସେ ନୀଳମାଧବଙ୍କୁ ଦର୍ଶନ କରିଥିଲେ। ବିଶ୍ୱାବସୁ ଶବର ରାଜା ହୋଇଥିବାରୁ ସେ ମାଧବଙ୍କୁ ବିଭିନ୍ନ ଫଳମୂଳ, ଫୁଲ ଓ କାଇଁଚରେ ପ୍ରଭୁଙ୍କୁ ବେଶ କରି ପୂଜା କରୁଥିଲେ। କାଳକ୍ରମେ ଏହା ସୁନାବେଶରେ ରୂପାନ୍ତରିତ ହୋଇଥିବା କିମ୍ବଦନ୍ତୀରେ ରହିଛି। ସୁନାବେଶକୁ ସରସ ସୁନ୍ଦର କରିବା ପାଇଁ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ଜିଲ୍ଲା ପ୍ରଶାସନ, ଖଣ୍ଡପଡ଼ା ଓ କଣ୍ଟିଲୋ ପୁଲିସ ପ୍ରଶାସନ ପକ୍ଷରୁ ସୁନାବେଶକୁ ଶାନ୍ତିଶୃଙ୍ଖଳା ସହ ଦର୍ଶନ ନିମନ୍ତେ ବ୍ୟାପକ ପ୍ରସ୍ତୁତି କରାଯାଇଥିଲା।

# ନଜର ଆଢୁଆଳରେ ବ୍ରାହ୍ମଣୀ ଦେଇ ଝରି

**ଖଣ୍ଡପଡ଼ା,୩।୧(ସମିସ):** ପାହାଡ଼ ପର୍ବତ ଘେରା ଖଣ୍ଡପଡ଼ା ବ୍ଲକ୍ ପଶ୍ଚିମାଞ୍ଚଳର ଦୁର୍ଗମ ଅଞ୍ଚଳରେ ଅନେକ ପ୍ରାକୃତିକ ଝରଣା ଏବେ ପ୍ରଶାସନ ଓ ପର୍ଯ୍ୟଟକଙ୍କ ନଜର ଆଢୁଆଳରେ ରହିଛି। ଆଜିର ଆଧୁନିକ ଯୁଗରେ କିଛି ଯୁବପିଢ଼ି ସାମାଜିକ ଗଣମାଧ୍ୟମରେ ପ୍ରଚାରପ୍ରସାର କରିବା ସହ ସ୍ଥାନୀୟ ବାସିନ୍ଦାଙ୍କ ଉଦ୍ୟମ ଯୋଗୁଁ ଧୀରେ ଧୀରେ ଏହା ଲୋକଲୋଚନକୁ ଆସିବାରେ ଲାଗିଛି। ବ୍ଲକ୍ ଅଧୀନ ସିଙ୍ଘାପଡ଼ା ପଞ୍ଚାୟତର ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ରାଜୁଡ଼ା ଅମଳରୁ ପରିଚିତ ହୋଇଥିବାବେଳେ କାଳକ୍ରମେ ଅନେକ ପ୍ରାକୃତିକ ପରିବେଶଭରା ସ୍ଥାନ ପର୍ଯ୍ୟଟକଙ୍କ ପ୍ରଥମ ପସନ୍ଦ ପାଲଟିଥିବା ସୂଚନା ମିଳିଛି। ସେଥିମଧ୍ୟରୁ ଦଉପୋଖରୀ ଗ୍ରାମର ଅନତି ଦୂରରେ ଥିବା ବ୍ରାହ୍ମଣୀଦେଇ ଝରରେ ଏବେ ଯୁବପିଢ଼ି ଭୋଜିଭାତ ସହ ସେଲ୍ଫି ଉଠାଇ ଏବଂ ଗାଧୋଇବାର ମଜା ନେଉଛନ୍ତି।

ସାପୁଆ ସଂରକ୍ଷିତ ଶୂନ୍‌ଶାନ୍ ଘଞ୍ଚ



ଜଙ୍ଗଲର ବୁଲାଖୋଲା ଅଞ୍ଚଳର ପାହାଡ଼ର ଅଗ୍ରଭାଗରୁ ବହିଆସିଥିବା ଝରଣା ପ୍ରାୟ ୧୫ ଫୁଟ୍ ତଳକୁ ପଡୁଥିବାବେଳେ କାଚକେନ୍ଦୁ ଭଳି ଶୀତଳ ଜଳରାଶିରେ ଗାଧୋଇବାର ମଜା ବେଶ୍ ଆନନ୍ଦ ଦେଉଛି ଲୋକଙ୍କୁ। ବୁଲାଖୋଲା ଜଙ୍ଗଲ ସଂଲଗ୍ନ ସବୁଜିମା ପରିବେଶରେ ଏକାଧିକ ସ୍ଥାନରେ ଲୋକେ ଭୋଜିଭାତରେ ମସ୍‌ଗୁଲ ହେବା ସହ ପ୍ରାକୃତିକ ପରିବେଶକୁ ଉପଭୋଗ କରୁଛନ୍ତି। ବହୁ ଆଦିମ କାଳରୁ ଏହି ଝରଣା ବହିଆସୁଥିବା ବେଳେ ଜଳକଷ୍ଟ ଯୋଗୁଁ ଆଦିବାସୀ ସମ୍ପ୍ରଦାୟ ଏଠାରେ ବସତି ସ୍ଥାପନ କରି ନିଜର ପରିବାର ପ୍ରତିପୋଷଣ କରୁଥିବା ସ୍ଥାନୀୟ ବାସିନ୍ଦା ବଂଶୀଧର ଦାଶ କୁହନ୍ତି।

ସାମାଜିକ ଗଣମାଧ୍ୟମରେ ଏହି ଝରଣାର ଫଟୋ ଭାଇରାଲ ହେବା ସହ ଅନେକ ପର୍ଯ୍ୟଟକଙ୍କ ଭିଡ଼ ଜମୁଥିବା ସ୍ଥାନୀୟ ବାସିନ୍ଦାଙ୍କ ସୂତ୍ରରୁ ସୂଚନା ମିଳିଛି। ଖଣ୍ଡପଡ଼ା ବ୍ଲକ୍ ସଦର ମହକୁମାରୁ ୫ କିଲୋମିଟର ଦଉପୋଖରୀ ଗାଁ ନିକଟସ୍ଥ ଶୂଳିଆ ଠାକୁରାଣୀ ପୀଠରୁ ଆସି ସେଠାରୁ ସିଧାସଳଖ ୩ କିଲୋମିଟର ଗଲେ ବ୍ରାହ୍ମଣୀଦେଇ ଝର ନିକଟରେ ପହଞ୍ଚିହେବ। ମୋଟ୍ ୪ କି.ମି. ରାସ୍ତା ଜଙ୍ଗଲିଆ ରହିଥିବା ସୂଚନା ମିଳିଛି। ଝରଣାର ପାଦଦେଶରେ ପିକ୍‌ନିକ୍‌ର ମଜା ନେବାକୁ ଆନୁସଙ୍ଗିକ ବ୍ୟବସ୍ଥା ଯଥା- ବିଶୁଦ୍ଧ ପାନୀୟଜଳ, ସେଲ୍ଫି ପଏଣ୍ଟ, ବିଶ୍ରାମସ୍ଥଳୀ, ରୋଷେଇ କରି ଖାଇବା ସ୍ଥାନ, ଲାଇଟ୍, ପକ୍କା ରାସ୍ତା ଆଦି ବ୍ୟବସ୍ଥା କଲେ ଏଠାକୁ ବହୁ ପର୍ଯ୍ୟଟକ ଆସିପାରିବେ ବୋଲି ଗ୍ରାମର ସମାଜସେବୀ ବିଭୂତି ପ୍ରଧାନ, ଅଚ୍ୟୁତ କୁମାର ପଣ୍ଡା, ବିଶ୍ୱରଞ୍ଜନ ମାଝୀ, ଗୌରାଙ୍ଗ ଚରଣ ଦାଶ ପ୍ରମୁଖ ଦାବି କରିଛନ୍ତି। ଏନେଇ ଜିଲ୍ଲା ପ୍ରଶାସନ ଓ ବନ ବିଭାଗ ଉଚ୍ଚ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରି ସ୍ଥାନୀୟ ବିଧାୟକ ଏଥିପ୍ରତି ସ୍ୱତନ୍ତ୍ର ଭାବେ ଦୃଷ୍ଟି ଦେଲେ ଏ ଝରଣାର ବିକାଶ ହେବା ସହ ବର୍ଷସାରା ଏଠାକୁ ପର୍ଯ୍ୟଟକମାନେ ପ୍ରାକୃତିକ ସୌନ୍ଦର୍ଯ୍ୟକୁ ଉପଭୋଗ କରିପାରିବେ ବୋଲି ଜନସାଧାରଣ କହିଛନ୍ତି।

## ବାଇକ୍ ଦୁର୍ଘଟଣାରେ ବୃଦ୍ଧ ମୃତ

**ଭାପୁର,୩।୧(ସମିସ):** ନୟାଗଡ଼ ଜିଲ୍ଲା ଭାପୁର ବ୍ଲକ୍ ଗୋଳାପୋଖରୀ ଛକରେ ଶନିବାର ସନ୍ଧ୍ୟାରେ ଏକ ବାଇକ୍ ଜଣେ ବୃଦ୍ଧଙ୍କୁ ଧକ୍କା ଦେବାରୁ ବୃଦ୍ଧଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଥିଲା। ମୃତକଙ୍କ ନାମ ରାମଚନ୍ଦ୍ର ପଲେଇ। ତାଙ୍କ ଘର ଗୋଳାପୋଖରୀରେ। ବଡ଼ସହରା ପଞ୍ଚାୟତ ବାଲିଆପଟା ଗ୍ରାମର ଦୁଇ ଯୁବକ ସୁବାସ ମହାପାତ୍ର ଓ ପ୍ରକାଶ ମହାନ୍ତି ଦ୍ରୁତଗତିରେ ପଲ୍‌ସର ବାଇକ୍‌ରେ ଆସି ଉକ୍ତ ବୃଦ୍ଧଙ୍କୁ ଧକ୍କା ଦେଇଥିଲେ। ବୃଦ୍ଧଙ୍କୁ ଭାପୁର ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲେ ହେଁ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଦୁର୍ଘଟଣା ଘଟାଇଥିବା ଦୁଇ ଯୁବକଙ୍କୁ ଗୋଳାପୋଖରୀ ଗ୍ରାମବାସୀ ଅଟକ ରଖି ପୁଲିସକୁ ହସ୍ତାନ୍ତର କରିଥିଲେ। ଦୁର୍ଘଟଣା ଘଟାଇଥିବା ଯୁବକ ସାମାନ୍ୟ ଆହତ ହୋଇଥିବା ପ୍ରକାଶ ଭାପୁର ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି।

## ଜଗନ୍ନାଥ ମନ୍ଦିରରେ ପୁଷ୍ପାଭିଷେକ

**ଗଣିଆ,୩।୧(ସମିସ):** ଗଣିଆରେ ଥିବା ଜଗନ୍ନାଥ ମନ୍ଦିର ପରିସରରେ ବାର୍ଷିକ ପୁଷ୍ପାଭିଷେକ ଅନୁଷ୍ଠିତ ହୋଇଯାଇଛି। ଶନିବାର ପୂର୍ବାହ୍ଣରେ ପୂଜାର୍ଚ୍ଚନା, ପୁଷ୍ପାଞ୍ଜଳି, ହୋମଯଜ୍ଞ ଅନୁଷ୍ଠିତ ହୋଇଥିଲା। ଜଗନ୍ନାଥ, ବଳଭଦ୍ର, ସୁଭଦ୍ରା ଏବଂ ସୁଦର୍ଶନଙ୍କୁ ନୂତନ ବସ୍ତ୍ର ପରିଧାନ କରାଯାଇଥିଲା। ମନ୍ଦିର ପରିସରରେ ସଂକୀର୍ତ୍ତନ ମଣ୍ଡଳୀ ସଂକୀର୍ତ୍ତନ ପରିବେଷଣ କରିଥିଲେ।



ପୂଜକ ରାମଚନ୍ଦ୍ର ଦାଶ, ଜଗନ୍ନାଥ ଦାଶ ଉପସ୍ଥିତ ରହି ପୂଜାକାର୍ଯ୍ୟ ସମ୍ପାଦନ କରିଥିଲେ। ଏହି ପୁଷ୍ପାଭିଷେକ ଦେଖିବା ପାଇଁ ବହୁତ ଭକ୍ତଙ୍କ ସମାଗମ ହୋଇଥିଲା। ପରିଚାଳନା କମିଟିର ମୁଖ୍ୟ ଟ୍ରଷ୍ଟି ଅକ୍ଷୟ କୁମାର ସାହୁ, ଉଦ୍ୟନାଥ ସାହୁ, ଆନନ୍ଦ ଚନ୍ଦ୍ର ବେହେରା, ସୁନିଲ ସାହୁ, ବ୍ରଜକିଶୋର ସାହୁଙ୍କ ସମେତ ସମସ୍ତ ସଦସ୍ୟ ତଥା ଗ୍ରାମବାସୀ ସହଯୋଗ କରିଥିଲେ।

## ବୈରାଗୀ ଚେତନା ସଂଘପକ୍ଷରୁ ମହାଯଜ୍ଞ



**ଭାପୁର,୩।୧(ସମିସ):** ନୟାଗଡ଼ ଜିଲ୍ଲା ଭାପୁର ବ୍ଲକ୍ ଶାଳପଡ଼ା ପଞ୍ଚାୟତ ମର୍ଦ୍ଦାବାଡ଼ିର ମହାଲକ୍ଷ୍ମୀ ମନ୍ଦିର ନବମ ବାର୍ଷିକ ଉତ୍ସବ ଉପଲକ୍ଷେ ବୈରାଗୀ ଚେତନା ସଂଘ ତରଫରୁ ମହାଯଜ୍ଞ ଓ ଭକ୍ତ ସମାବେଶରେ ବୈରାଗୀ ଭାବକଳ୍ପ ଆୟୋଜିତ ହୋଇଥିଲା। ମର୍ଦ୍ଦାବାଡ଼ିର ସବିତା ପଣ୍ଡା ଓ ଜୟଦେବ ପଣ୍ଡାଙ୍କ ଆୟୋଜନରେ ଏହି ଧାର୍ମିକ କାର୍ଯ୍ୟକ୍ରମ ଶନିବାର ସକାଳୁ ଆୟୋଜିତ ହୋଇଥିଲା। ସକାଳୁ ନିକଟସ୍ଥ ବାରବାଟୀ, ନୂଆଗାଁ, ଶାଳପଡ଼ା, କେନ୍ଦୁପଲ୍ଲୀ, ମେଟୁଆଣୀ, ଗୋହିରିଆପଡ଼ା, ମର୍ଦ୍ଦାବାଡ଼ିର ଦେଢ଼ଶହ ମହିଳା ସକାଳୁ କଳସ ଯାତ୍ରା କରି ମହାଲକ୍ଷ୍ମୀ ମନ୍ଦିର ପରିସରରେ କଳସ ସ୍ଥାପନା ପରେ ସୂର୍ଯ୍ୟ ପୂଜା ଓ ଯଜ୍ଞ ଆରମ୍ଭ ହୋଇଥିଲା। କର୍ତ୍ତା ଭାବେ ଜିତେନ୍ଦ୍ର ପଣ୍ଡା ଓ ସୀମା ପଣ୍ଡା ଏବଂ ପୁରୋହିତ ଭାବେ ଲକ୍ଷ୍ମୀଧର ତ୍ରିପାଠୀ କାର୍ଯ୍ୟ ସମ୍ପାଦନ କରିଥିଲେ। କୁଳମଣୀ ରାଉତ, କୈଳାସ ଷଣ୍ଢ, ପ୍ରତାପ ସାହୁ, ଚନ୍ଦ୍ରଶେଖର ଦାଶ, ଉତ୍କଳ ଭୂଷଣ (ରାଜା ବାବା) ଓ ରାଣୀ ମା' ପ୍ରବଚନ ଦେଇଥିଲେ। ସନ୍ଧ୍ୟାରେ ପୂର୍ଣ୍ଣାହୁତି କାର୍ଯ୍ୟ ସମ୍ପାଦନ ହୋଇଥିଲା।

## ପିକ୍‌ଅପ୍ ଭ୍ୟାନ୍-ବାଇକ୍ ମୁହାଁମୁହିଁ; ଜଣେ ମୃତ

**ଖଣ୍ଡପଡ଼ା,୩।୧(ସମିସ):** ଖଣ୍ଡପଡ଼ାରୁ ନୟାଗଡ଼କୁ ସଂଯୋଗ କରୁଥିବା ରାସ୍ତାର କୃଷ୍ଣପ୍ରସାଦ ଗ୍ରାମ ନିକଟରେ ଶନିବାର ଅପରାହ୍ଣରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ଜଣେ ବାଇକ୍ ଆରୋହୀଙ୍କର ଘଟଣାସ୍ଥଳରେ ଅକାଳ ମୃତ୍ୟୁ ହୋଇଛି। ଆଉ ଜଣେ ଗୁରୁତର ଆହତ ହୋଇ ଚିକିତ୍ସା ନିମନ୍ତେ ଭୁବନେଶ୍ୱର ସ୍ଥାନାନ୍ତରିତ ହୋଇଥିବା ଜଣାପଡ଼ିଛି। ଖଣ୍ଡପଡ଼ାରୁ ନୟାଗଡ଼ ଅଭିମୁଖେ ଦ୍ରୁତଗତିରେ ଯାଉଥିବା ଏକ ପିକ୍‌ଅପ୍ ଭ୍ୟାନ୍ ବିପରୀତ ଦିଗରୁ ଖଣ୍ଡପଡ଼ା ଅଭିମୁଖେ ବାଇକ୍ ଯୋଗେ ଆସୁଥିବା ୨ ଜଣ ଯୁବକଙ୍କୁ ଧକ୍କା ଦେବାରୁ ଉଭୟେ ରାସ୍ତାକଡ଼କୁ ଛିଟିକି ପଡ଼ିଥିଲେ। ଦୁର୍ଘଟଣାସ୍ଥଳରେ ହିଁ ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଅନ୍ୟ ଜଣଙ୍କୁ ଉଦ୍ଧାର କରାଯାଇ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଯାଇଥିବା ପ୍ରତ୍ୟକ୍ଷଦର୍ଶୀଙ୍କଠାରୁ ସୂଚନା ମିଳିଛି। ଖବରପାଇ ଖଣ୍ଡପଡ଼ା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ପିକ୍‌ଅପ୍ ଭ୍ୟାନ୍ ଓ ବାଇକ୍ ଜବତ କରି ଏ ସମ୍ପର୍କରେ ଏକ ମାମଲା ରୁଜୁ କରିଥିବା ଜଣାଯାଇଛି। ଦୁର୍ଘଟଣାରେ ମୃତ ଯୁବକ ପ୍ରକାଶ ନାୟକ (୨୫)ଙ୍କ ଘର ଦଶପଲ୍ଲା ନିକଟସ୍ଥ ଘୋଳାହାଣ୍ଡି ଗ୍ରାମରେ ହୋଇଥିବାବେଳେ ଆହତ ଯୁବକ ବିକ୍ରମ ପ୍ରଧାନଙ୍କ ଘର ଖଣ୍ଡପଡ଼ା ସହରାଞ୍ଚଳର ୧୨ ନଂ ୱାର୍ଡର ଚିନିକଳ ସାହିରେ ବୋଲି ଜଣାପଡ଼ିଛି।

## ସତ୍ୟନାରାୟଣ ୟୁଥ୍ କ୍ଲବ୍‌ର ବାର୍ଷିକ ଉତ୍ସବ ପ୍ରସ୍ତୁତି

**କାକଟପୁର,୩।୧(ସମିସ):** କାକଟପୁର ବ୍ଲକ୍ ଅଧୀନସ୍ଥ ଶୁକପୋଖରୀସ୍ଥିତ ସତ୍ୟନାରାୟଣ ୟୁଥ୍ କ୍ଲବ୍‌ର ୩୬ତମ ବାର୍ଷିକ ଉତ୍ସବ ଓ ୨୬ତମ ମୁକ୍ତମଞ୍ଚ ନାଟକ ପ୍ରତିଯୋଗିତା ପାଇଁ ଏକ ପ୍ରସ୍ତୁତି ବୈଠକ ସ୍ଥାନୀୟ କୁଆମଚଣ୍ଡୀ ପୀଠରେ ଅନୁଷ୍ଠିତ ହୋଇଯାଇଛି। କ୍ଲବ୍‌ର ସଭାପତି ବ୍ରହ୍ମାନନ୍ଦ ବିଶ୍ୱାଳଙ୍କ ପୌରୋହିତ୍ୟରେ ଆହୁତ ବୈଠକରେ ସମସ୍ତ ସଦସ୍ୟ ଚଳିତ ବର୍ଷ ବାର୍ଷିକ ଉତ୍ସବ ଓ ମୁକ୍ତମଞ୍ଚ ନାଟକ ପ୍ରତିଯୋଗିତାକୁ ସରସ ସୁନ୍ଦର କରିବା ସହିତ ଇଚ୍ଛୁକ ନାଟ୍ୟ ସଂସ୍ଥାମାନେ ତୁରନ୍ତ ପ୍ରତିଯୋଗିତାରେ ଭାଗନେବା ପାଇଁ ଅନୁଷ୍ଠାନର ସମ୍ପାଦକ ଚିତ୍ତରଞ୍ଜନ ମିଶ୍ର ଓ ନାଟ୍ୟ ସମ୍ପାଦକ ଦୁର୍ଗାଚରଣ ମହାନ୍ତିଙ୍କୁ ଯୋଗାଯୋଗ କରିବାକୁ ଅନୁଷ୍ଠାନ ପକ୍ଷରୁ ସୂଚନା ଦିଆଯାଇଛି। ଏହି ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର ଗ୍ରହଣ କଲେ ୫୦ ହଜାର ଟଙ୍କା, ମାନପତ୍ର ସହିତ ସିଲ୍ଡ ଏବଂ ଦ୍ୱିତୀୟ ପ୍ରତିଯୋଗୀଙ୍କୁ ୩୦ ହଜାର ଟଙ୍କା, ମାନପତ୍ର ଏବଂ ସିଲ୍ଡ ପ୍ରଦାନ କରାଯିବା ପାଇଁ ସ୍ଥିର କରାଯାଇଛି। ଉକ୍ତ ବୈଠକରେ ଛବି ପରିଡ଼ା, ପ୍ରତାପ ଦାଶ ଏବଂ ଅଭୟ ନାୟକଙ୍କ ସମେତ ସମସ୍ତ ସଭ୍ୟ ଉପସ୍ଥିତ ଥିଲେ।

## ଉତ୍କର୍ଷ ଭାପୁର ମହୋତ୍ସବର ଅନ୍ତିମ ପ୍ରସ୍ତୁତି




**ଭାପୁର,୩।୧(ସମିସ):** ନୟାଗଡ଼ ଜିଲ୍ଲା ଭାପୁର ବ୍ଲକ୍‌ରେ 'ମୋ ମାଟି ଭାପୁର' ୩ ବର୍ଷ ହେଲା ଭାପୁର ମହୋତ୍ସବ ଆୟୋଜନ କରି ଜିଲ୍ଲାରେ ଏକ ଚର୍ଚ୍ଚିତ ମହୋତ୍ସବ ଭାବେ ପରିଗଣିତ ହୋଇଆସୁଛି। ଏ ବର୍ଷ ନୂତନ କରି 'ଉତ୍କର୍ଷ ଭାପୁର ଓ ପଲ୍ଲିଶ୍ରୀ ମେଳା' ଅନୁଷ୍ଠାନ ନୂତନ ଭାବେ ମହୋତ୍ସବ ଆୟୋଜନ କରିବାକୁ ଯାଉଛି। ଏହା ଆସନ୍ତା ୮ରୁ ୧୧ ତାରିଖ ପର୍ଯ୍ୟନ୍ତ ଆୟୋଜିତ ହେବ। ଏ ଉପଲକ୍ଷେ ଶନିବାର ଭାପୁର କଲ୍ୟାଣ ମଣ୍ଡପରେ ଶିକ୍ଷକ ନେତା ପଞ୍ଚାନନ ମହାପାତ୍ରଙ୍କ ସଂଯୋଜନାରେ ପ୍ରଶାସନିକ ଅଧିକାରୀଙ୍କୁ ନେଇ ଅନ୍ତିମ ପ୍ରସ୍ତୁତି ବୈଠକ ଆୟୋଜିତ ହୋଇଥିଲା। କଟକ ସାଂସଦଙ୍କ ଜିଲ୍ଲା ପ୍ରତିନିଧି ଗୟାଧର ପରିଡ଼ାଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ବିଧାୟକ ଇଂ ଦୁଷ୍ମନ୍ତ କୁମାର ସ୍ୱାଇଁ, ୧୯ ନମ୍ବର ଜିଲ୍ଲା ପରିଷଦ ସଭ୍ୟ ସୁଶାନ୍ତ କୁମାର ସାହୁ, ୨୦ ନମ୍ବର ଜିଲ୍ଲା ପରିଷଦ ସଭ୍ୟ ବିଜୟ କୁମାର ସାମନ୍ତରାୟ, ବିଡିଓ ସାରଦା ପ୍ରସନ୍ନ ପଣ୍ଡା, ଅତିରିକ୍ତ ତହସିଲ୍‌ଦାର ରାଜାରାମ ଛତ୍ରୀୟା, ଫତେଗଡ଼ ଥାନା ଅଧିକାରୀ ପଞ୍ଚାନନ ପରିଡ଼ା, ବ୍ଲକ୍ ଶିକ୍ଷା ଅଧିକାରୀ ମୋନାଲିସା ରଥ, ଡ. ବିଶ୍ୱନାଥ ସାହୁ, ଗ୍ରାମ୍ୟ ଜଳଯୋଗାଣ ବିଭାଗ ଯନ୍ତ୍ରୀ ନୃସିଂହ ଦାସ, ବିଦ୍ୟୁତ୍ ବିଭାଗ ଯନ୍ତ୍ରୀ, ଦମକଳ ବିଭାଗ, ବନ ବିଭାଗ, ମହିଳା ଶିଶୁ ବିକାଶ ବିଭାଗ ଅଧିକାରୀ, ଭାପୁର ବଜାର କମିଟି, ଡ୍ରାଇଭର ମହାସଂଘ, ବରିଷ୍ଠ ନାଗରିକ ସଂଘର କର୍ମକର୍ତ୍ତା ଓ ଅନେକ ସରପଞ୍ଚ, ସମିତିସଭ୍ୟ ଉପସ୍ଥିତ ରହି ସମସ୍ତ ପ୍ରକାର ସହଯୋଗ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ।

## କାଳିଜାଇ ମକର ମେଳା ନିମନ୍ତେ ବ୍ୟାପକ ପ୍ରସ୍ତୁତି

**କୃଷ୍ଣପ୍ରସାଦ,୩।୧(ସମିସ):** ଚିଲିକାର ଅଧିଷ୍ଠାତ୍ରୀ ତଥା ପାରିକୁଦର ଇଷ୍ଟଦେବୀ ମା' କାଳିଜାଇଙ୍କ ପୀଠରେ ଆସନ୍ତା ୧୪ ତାରିଖରେ ମକର ମେଳା ମହୋତ୍ସବ ଅନୁଷ୍ଠିତ ହେବ। ଏନେଇ ଏକ ବୈଠକ ପାରିକୁଦ ରାଜା ସାହେବ ସନ୍ତୋଷ ଚନ୍ଦ୍ର ଦେଓଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି। ବିଶେଷ କରି ଭକ୍ତମାନଙ୍କ ଶୃଙ୍ଖଳିତ ଦର୍ଶନ ଦିଗରେ ଆଲୋଚନା ହୋଇଥିଲା। ମା'ଙ୍କ ପୀଠରେ ଥିବା ଯୋଗେଶ୍ୱର ମହାଦେବଙ୍କ ମନ୍ଦିରର ଦ୍ୱାଦଶ ବାର୍ଷିକ ଉତ୍ସବ ୧୨ ତାରିଖଠାରୁ ୨ ଦିନ ବ୍ୟାପୀ ଆଡ଼ମ୍ବର ସହକାରେ ଅନୁଷ୍ଠିତ ହେବ ବୋଲି ନିଷ୍ପତ୍ତି ହୋଇଥିଲା। ତତ୍‌ସହିତ କାଳିଜାଇ ସାଂସ୍କୃତିକ ପରିଷଦର ମୁଖପତ୍ର ଲିପି ଉନ୍ମୋଚନ ନିମନ୍ତେ ଅନୁଷ୍ଠାନର ସମ୍ପାଦକ ପ୍ରାକ୍ତନ ଅଧ୍ୟକ୍ଷ ତଥା ପାରିକୁଦ ରାଜା ସାହେବଙ୍କ ଦେବତ୍ୱ ନୀତି ନିର୍ଘଣ୍ଟ ନିର୍ଦ୍ଦେଶକ ପଣ୍ଡିତ ନୀଳକଣ୍ଠ ତ୍ରିପାଠୀଙ୍କ ନିକଟକୁ ଲେଖା ପଠାଇବାକୁ ସ୍ଥିର ହୋଇଥିଲା। ପୂର୍ବତନ ସରପଞ୍ଚ ରମେଶ ଚନ୍ଦ୍ର ସିଂହସାମନ୍ତ, ପୂର୍ବତନ ସରପଞ୍ଚ ବିଜୟ ଚନ୍ଦ୍ର ଜେନା, ପ୍ରଶାନ୍ତ କୁମାର ଜେନା, ବରିଷ୍ଠ କ୍ରୀଡ଼ା ଶିକ୍ଷକ ଦୁର୍ଯ୍ୟୋଧନ ନାୟକ, ସାମ୍ବାଦିକ ଦୁର୍ଗା ଚରଣ ସ୍ୱାଇଁ, ପାଇକ ଶରତ ଚନ୍ଦ୍ର ପଲେଇ, କବିରାଜ ପାତ୍ର ପ୍ରମୁଖ ଅଂଶ ଗ୍ରହଣ କରିଥିଲେ। ପର୍ଯ୍ୟଟନ ଋତୁ ଚାଲିଥିବାରୁ ମା'ଙ୍କ ପୀଠରେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଥିବା କୃଷ୍ଣପ୍ରସାଦ ଥାନା ପୁଲିସ ଉପଖଣ୍ଡ ଅଧିକାରୀ ଭାବଗ୍ରାହୀ ରାଉତ ପ୍ରକାଶ କରିଛନ୍ତି।

**ଆଞ୍ଚଳିକ ପରିବହନ ବିଭାଗ ନିରବଦ୍ରଷ୍ଟା**

# ପୁଲିସ ଓ ସରକାରୀ ଗାଡ଼ିରେ ନାହିଁ ପିୟୁସି

**ନୟାଗଡ଼,୩।୧(ସମିସ):** ପ୍ରଦୂଷଣ ସାର୍ଟିଫିକେଟ୍ ପାଇଁ ସାଧାରଣ ଲୋକେ ନାହିଁ ନ ଥିବା ହଇରାଣ ହେଉଛନ୍ତି। ଧାଡ଼ିରେ ଛିଡ଼ା ହୋଇ ସମୟ ବରବାଦ କରୁଛନ୍ତି। ଏପରିକି ଗାଡ଼ି ଉପରେ ରହିଥିବା ହଜାର ହଜାର ଟଙ୍କାର ଜରିମାନା ଭରି ଅଣ୍ଟା ସଳଖି ପାରୁନାହାନ୍ତି। ସାଧାରଣ ଲୋକଙ୍କ ପାଇଁ ଗୋଟିଏ ନିୟମ ଓ ସରକାରୀ ଗାଡ଼ି ପାଇଁ ଜିଲ୍ଲାରେ ଭିନ୍ନ ନିୟମ ବୋଲି ଆଜି ଅନେକ ବୁଦ୍ଧିଜୀବୀ ମତ ଦେବା ସହ ଆଞ୍ଚଳିକ ପରିବହନ ଅଧିକାରୀ କ'ଣ ନିଦ୍ରା ଯାଇଛନ୍ତି କି ବୋଲି ପ୍ରଶ୍ନ କରିଛନ୍ତି। ନୟାଗଡ଼ ଜିଲ୍ଲାର ବିଭିନ୍ନ କାର୍ଯ୍ୟାଳୟରେ ଲାଗିଥିବା ସରକାରୀ ଗାଡ଼ି, ପୌର ଓ ଏନ୍ଏସି ସଫେଇ ଗାଡ଼ି ଏବଂ ପୁଲିସ ଗାଡ଼ିରେ ପ୍ରଦୂଷଣ ହେଉଛି କି ନାହିଁ ବୋଲି ଏବେ ପ୍ରଶ୍ନ ଉଠିଛି। ନୟାଗଡ଼ ଜିଲ୍ଲାର ମାଳମାଳ ସରକାରୀ କାର୍ଯ୍ୟାଳୟରେ ଲାଗିଥିବା ଭଡ଼ା ଗାଡ଼ିଗୁଡ଼ିକର ଆବଶ୍ୟକ କାଗଜପତ୍ର ଠିକ ନ ଥିବା ନେଇ ବହୁ ପୂର୍ବରୁ 'ସକାଳ'ରେ ଖବର ପ୍ରକାଶ ପାଇଥିଲେ ମଧ୍ୟ ଏହାକୁ ଅଣଦେଖା କରାଯାଉଛି।




ଜିଲ୍ଲା ପୁଲିସରେ କାର୍ଯ୍ୟ କରୁଥିବା ସରକାରୀ ଗାଡ଼ି ଏବଂ ନୟାଗଡ଼ ଜିଲ୍ଲା ଉଦ୍ୟାନ ବିଭାଗରେ ରହିଥିବା ଏକମାତ୍ର ସରକାରୀ ଜିପ୍‌ର କାଗଜପତ୍ର ଠିକ୍ ନ ଥିବା ଏବଂ ଆଦୌ ପ୍ରଦୂଷଣ ସାର୍ଟିଫିକେଟ୍ ନ ଥିବା ଦେଖିବାକୁ ମିଳିଛି।

ନୟାଗଡ଼ ଜିଲ୍ଲା ପୁଲିସ ଅଧୀନରେ ରହିଥିବା ସରକାରୀ ଗାଡ଼ି (ଓଡି ୦୫ ବିଏମ୍ ୫୮୦୪)ର ବୀମା ନ ଥିବା ଏବଂ ପ୍ରଦୂଷଣ ସାର୍ଟିଫିକେଟ୍ ଭ୍ୟାଲିଡିଟି ୨୦୨୪ ଜୁଲାଇ ୨୪ ତାରିଖରୁ ଶେଷ ହୋଇଥିବା ଦେଖାଯାଇଛି। ସେହିଭଳି ଉଦ୍ୟାନ ବିଭାଗରେ ରହିଥିବା ଏକମାତ୍ର ସରକାରୀ ଜିପ୍ (ଓଆର୍୦୨ ଏପି ୨୩୧୪)ରେ ୨୦୨୩ ସେପ୍ଟମ୍ବର ୩୦ ତାରିଖରୁ ବୀମା ନ ଥିବା ଜଣାପଡ଼ିଛି। ଏହା ସହିତ ୨୦୨୨ ଜୁନ୍ ୩୦ ତାରିଖରୁ ଟ୍ୟାକ୍ସ ଡିପୋଜିଟ୍ ହୋଇ ନ ଥିବାବେଳେ ୨୦୨୫ ଅକ୍ଟୋବର ୨୧ରୁ ପଲ୍ୟୁସନ୍ ସାର୍ଟିଫିକେଟ୍ ନ ଥିବା ଦେଖାଯାଇଛି। କେବଳ ଏହି ଦୁଇଟି ଗାଡ଼ି ନୁହେଁ, ଜିଲ୍ଲାରେ ଅନେକ ସରକାରୀ କାର୍ଯ୍ୟରେ ବ୍ୟବହୃତ ଗାଡ଼ିରେ ପ୍ରଦୂଷଣ ସାର୍ଟିଫିକେଟ୍, ବୀମା ନ ଥିବା ବିଗତ ଦିନରେ ଦେଖାଯାଇଛି। ଏବେ ବି ଅନେକ ଗାଡ଼ିରେ ଜାଣିଶୁଣି କାଗଜପତ୍ର ଠିକ୍ କରାଯାଉ ନାହିଁ। ସରକାରୀ କାର୍ଯ୍ୟରେ ବ୍ୟବହୃତ କୌଣସି ଗାଡ଼ିକୁ ଆଞ୍ଚଳିକ ପରିବହନ କିମ୍ବା ପୁଲିସ ବିଭାଗ ଜରିମାନା କରିବା ନଜରକୁ ଆସୁନାହିଁ। ଆଞ୍ଚଳିକ ପରିବହନ ଅଧିକାରୀ ଏ ଉପରେ ଧ୍ୟାନ ଦେବା ଆବଶ୍ୟକ ବୋଲି ମତ ପ୍ରକାଶ ପାଇଛି।



## ଶ୍ରୀରଙ୍ଗନାଥ ଦେବଙ୍କ ନବାଙ୍ଗ ବେଶ



**ବାଲୁଗାଁ, ୩।୧(ସମିସ):** ଶ୍ରୀକ୍ଷେତ୍ରରେ ଶ୍ରୀ ଜଗନ୍ନାଥଙ୍କ ବିଭିନ୍ନ ତିଥିରେ ବିଭିନ୍ନ ବେଶ ଅନୁଷ୍ଠିତ ହେଉଥିବା ବେଳେ ଭଗବତୀ କ୍ଷେତ୍ର ବାଣପୁରର ଇଷ୍ଟଦେବ ଶ୍ରୀ ରଙ୍ଗନାଥ ଦେବଙ୍କର ନାନା ବେଶ ଅନଷ୍ଠିତ ହେଉଛି। ତନ୍ମଧ୍ୟରୁ ପବିତ୍ର ଦେବାଭିଷେକ ପୌଷ ପୂର୍ଣ୍ଣିମା ମାସନ୍ତ ତିଥି ଶନିବାର ନବାଙ୍ଗ ବେଢା ଅବସରରେ ଶ୍ରୀଜିଉ ମାନେ ନବାଙ୍ଗ ବେଶରେ ସୁସଜ୍ଜିତ ହୋଇ ଶ୍ରଦ୍ଧାଳୁ ମାନଙ୍କୁ ଦର୍ଶନ ଦେଇଛନ୍ତି। ଏହି ବେଶରେ ଶ୍ରୀଜିଉ ମାନେ ସୋଲ, କୈଁଠ ଅଠା, ନାନା ରଂଗ ବେରଂଗର କାଗଜ ଓ ପୁଷ୍ପରେ ନିର୍ମିତ ଶ୍ରୀମସ୍ତକ କିରୀଟ, କୁଣ୍ଡଳ, ଶ୍ରୀଭୁଜ ଶ୍ରୀପୟର ଆଡ଼କାନି, ଓଡ଼ିଆଣି ହରଡ଼ ମାଳି, କଦମ୍ବ ମାଳି, ଶଙ୍ଖ, ଚକ୍ର ଓ ଶ୍ରୀବଳଭଦ୍ର ଦେବ ହଳ, ମୁଷଳ ଧାରଣ କରି ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେଇଛନ୍ତି। ଦୈନ ଦିନ ପରି ଭୋର ସମୟରୁ ମହାପ୍ରଭୁଙ୍କ ଦ୍ୱାର ଫିଟା, ମଙ୍ଗଳାର୍ପଣ ପରେ ଅବକାଶ ନୀତି, ଦ୍ୱାରପାଳ ପୂଜା, ସୂର୍ଯ୍ୟପୂଜା ଆଦି ନୀତିକାନ୍ତି ପରେ ସନ୍ଧ୍ୟା ଆଳତି ସରିବା ପରେ ଠାକୁର ଅଳଙ୍କାର, ପାଟବସ୍ତ୍ର ଓ ପୁଷ୍ପମାଲ୍ୟ ପରିଧାନ କରି ଗୋପାଳ ବଲ୍ଲଭ ଓ ଆଳତୀ ପରେ ଶ୍ରୀ ରଙ୍ଗନାଥ ଦେବ ନବାଙ୍ଗ ବେଶରେ ସୁସଜ୍ଜିତ ହୋଇ ଶ୍ରଦ୍ଧାଳୁ ମାନଙ୍କୁ ଦର୍ଶନ ଦେଇଛନ୍ତି। ଏହି ଅବସରରେ ଶ୍ରୀଜିଉ ମାନେ ଘଣ୍ଟ କାହାଳୀ ବାଦ୍ୟରେ ସେବାୟତ, ପରିଚାଳନା କମିଟି ସଦସ୍ୟ ଓ ଶ୍ରଦ୍ଧାଳୁ ମାନଙ୍କ ସହ ମନ୍ଦିର ବେଢା ୯ ଥର ପରିକ୍ରମା କରିଛନ୍ତି। ପୂଜକ ଚନ୍ଦ୍ର ଶେଖର ହୋତା ଶ୍ରୀଜୀଉମାନଙ୍କୁ ପ୍ରତ୍ୟହ ବେଶ କରିଥିବା ବେଳେ ଏହି ମନଲୋଭା ଅପୂର୍ବ ନବାଙ୍ଗ ବେଶ ଦର୍ଶନ ନିମନ୍ତେ ଶତାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ମନ୍ଦିର ପରିଚାଳନା କମିଟିର ସଭାପତି ଦାସରଥୀ ସାହୁ, ସଦସ୍ୟ ଦେବଦତ୍ତ ପାଣି, ପଦ୍ମନାଭ ମହାପାତ୍ର ଓ ସୋମନାଥ ହୋତା ଉପସ୍ଥିତ ରହି ଶାନ୍ତି ଶୃଙ୍ଖଳାର ସହ କାର୍ଯ୍ୟକ୍ରମକୁ ସୁପରିଚାଳନା କରୁଛନ୍ତି।

# କୁମାରବସ୍ତ, ମଧୁପୁରରେ ମାତିଛନ୍ତି ପଥର ମାଫିଆ

ଖୋର୍ଦ୍ଧା, ୩।୧(ସମିସ)



ଖୋର୍ଦ୍ଧାରେ ଲଘୁ, ଖଣିଜ ସମ୍ପଦ ଚୋରା ଚାଲାଣ ବଢି ଚାଲିଛି। ମାଫିଆମାନେ ଦୈନିକ ଶହ ଶହ ଟ୍ରକରେ ମାଙ୍କଡା ପଥର ଓ ମୋରମ ବେଧଡକଭାବେ ଚାଲାଣ କରୁଛନ୍ତି। ବେଆଇନ ଭାବେ ମୋରୋମ ଓ ପଥର ଖନନ ଚାଲିଛି। ଏଠାରୁ ପଥର ଓ ମୋରମ ଖୋର୍ଦ୍ଧା, ଜଟଣୀ ଓ ଭୁବନେଶ୍ୱର ତହସିଲର ବିଭିନ୍ନ ଅଞ୍ଚଳକୁ ଚାଲାଣ ହେଉଛି। ପ୍ରଶାସନର ବାରମ୍ବାର ଚଢଉ, ଜରିମାନା ଆଦାୟ ସତ୍ତ୍ୱେ ଏଥିରେ କୌଣସି ଫରକ ପଡୁନାହିଁ। ମାଫିଆମାନେ ପାୱାର ଟିଲର, ମେସିନରେ ଏକର ଏକର ଜମିରୁ ମାଙ୍କଡା କାଟି ନେଉଛନ୍ତି। ସରକାରୀ ଏବଂ ଗୋଚର ଜମି ଉପରେ ମାଫିଆଙ୍କ ନଜର। ଏପରିକି ଏହି ଜମି ଗୁଡିକରୁ ବ୍ୟାପକ ଭାବେ ମୋରମ, ମାଙ୍କଡା ଚାଲଣ କରୁଥିବା ଦେଖାଯାଇଛି। ଏମିତିକି ଗୋଚର ଜମି, ଖେଳପଡିଆ ଓ ଶ୍ମଶାନ ନିକଟ ଜମିକୁ ବି ଛାଡୁନାହାନ୍ତି ମାଫିଆ।

ଘଟଣାରୁ ଜଣାଯାଇଛି, ଖୋର୍ଦ୍ଧା ତହସିଲ ଅନ୍ତର୍ଗତ କୁମାରବସ୍ତ ଓ ମଧୁପୁର ଅଞ୍ଚଳରେ ବେଆଇନ ଭାବେ ରାତିରେ ଚାଲୁଛି ପଥର ଖଣି। ଏଠାରେ ଆଖିବୁଜା ଖଣି ଲୁଟପାଟ କରୁଛନ୍ତି ମାଫିଆ। ସ୍ଥାନୀୟ ଲୋକ ଏନେଇ ଥାନା ଓ ପ୍ରଶାସନ ନିକଟରେ ଅଭିଯୋଗ କଲେ ମଧ କିଛି ସୁଫଳ ମିଳୁନଥିବା କହିଛନ୍ତି।ଏପରିକି ସ୍ଥାନୀୟ ପୁଲିସ ଓ ଅସାଧୁ ରାଜସ୍ୱ କର୍ମଚାରୀଙ୍କ ଛତ୍ରଛାୟା ତଳେ ରହି ସ୍ଥାନୀୟ ଅଂଚଳର କିଛି ମାଫିଆମାନେ ବେଧଡକ ଲୁଟ କରୁଥିବା କେତେକ ଗ୍ରାମବାସୀ ଅଭିଯୋଗ କରିଛନ୍ତି।

ସ୍ଥାନୀୟ ଲୋକଙ୍କ କହିବା ଅନୁସାରେ, ଗାଁର ଚତୁଃପାଶ୍ୱର୍ ଏବେ ମାଫିଆମାନେ ଖଣି ଖୋଲିଦେଲେଣି। ଏମିତିକି ଗାଇ ଗୋରୁ ଚରିବାକୁ ଜମିଖଣ୍ଡେ ମଧ ନାହିଁ। ପ୍ରତି ରାତିରେ ବେଧଡକ ଭାବେ ଖଣି ଖନନ ସହିତ ଶହ ଶହ ଟ୍ରକ ଓ ଟ୍ରାକ୍ଟର ମାଙ୍କଡା ପଥର ଚୋରା ଚାଲାଣ ହେଉଛି। ଏତେ ସଂଖ୍ୟାରେ ଭାରି ଯାନ ଚଳାଚଳ ହେଉଛି ଯେ ରାତିରେ ଲୋକ ଶୋଇବାକୁ ମଧ ଅସୁବିଧା ହେଉଛି। ଏ ନେଇ ସ୍ଥାନୀୟ ଲୋକ ଖଣି ଅଧିକାରୀଙ୍କ ଠାରୁ ଆରମ୍ଭ କରି ପ୍ରଶାସନ ଓ ପୁଲିସ ନିକଟରେ ଅଭିଯୋଗ କଲେ ବି କିଛି ଫଳ ମିଳୁନଥିବା କହିଛନ୍ତି।

ସେମାନଙ୍କ କହିବା ଅନୁସାରେ, ଗାଁ ପାଖରେ ଖଣି ଖୋଲି ଗଭୀର ଗାତମାନ କଲେଣି। ପୁଲିସ ଓ ରାଜସ୍ୱ ବିଭାଗ କର୍ମଚାରୀମାନେ ତାଙ୍କଠାରୁ ମାସିକିଆ ବଟି ନେଇ ଗାଡି ପାସ କରିବାରେ ସହାୟକ ସାଜିଛନ୍ତି। ଆମେ ଅଭିଯୋଗ କଲେ ବି କିଛି ଫରକ ପଡୁନି। ପୋଖରୀ ଖୋଳିବା ନାଁ କହି ଖଣି କାଟି ବେଆଇନଭାବେ ପଥର ବିକ୍ରୀ କରୁଛନ୍ତି। ସ୍ଥାନୀୟ ଅଂଚଳର କିଛି କୁଜିନେତା ସାଜିଛନ୍ତି କାର୍ପେଟଦାର।କିଛି

- ରାତିରେ ଲୁଟ ହେଉଛି ଶହ ଶହ ଟ୍ରିପ
- ପୁଲିସ ଛତ୍ରଛାୟା ତଳେ ଚାଲିଛି ଲଘୁଖଣିଜ ହରିଲୁଟ୍
- ଲୁଟ୍‌ର କାର୍ପଟଦାର ସାଜିଛନ୍ତି କୁଜିନେତା

ଲୋକଙ୍କୁ ନିୟୋଜିତ କରି ଗାଡି ଓ ମେସିନ ସାହାର୍ଯ୍ୟରେ ଲୁଟୁଛନ୍ତି ଖଣିଜ ସମ୍ପଦ।ଯଦିଓ କିଛିଦିନ ଏ ଅଂଚଳରେ ଖଣି ବନ୍ଦ ରହିଥିଲା। ମାତ୍ର ଏବେ କିଛି ନେତା ଓ ଥାନା କର୍ମଚାରୀଙ୍କୁ ହାତକରି ମାଫିଆମାନେ ବେଧଡକଭାବେ ଖଣି ଚଳାଉଛନ୍ତି। ଏପରିକି ଏହି ଖଣିମାନଙ୍କରୁ କେବଳ ଖୋର୍ଦ୍ଧା ନୁହେଁ ବରଂ ଭୁବନେଶ୍ୱର ଓ ଏହାର ଉପକଣ୍ଠ ଅଂଚଳକୁ ପଥର ଚାଲାଣ ହେଉଛି।

ପ୍ରକାଶ ଥାଉକି, ବିଗତ ଦିନରେ କୁମାରବସ୍ତ ଗାଁରେ ବେଆଇନ ଖଣିକୁ କେନ୍ଦ୍ର କରି ଗାଁର କିଛି ଲୋକ ଓ ଖଣି ମାଫିଆଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ଏଥିରେ ଦୁଇଟି ବାଇକ ପୋଡିବା ସହ ଉଭୟ ପକ୍ଷର ୨ଜଣ ଆହତ ହୋଇଥିଲେ। ସ୍ଥାନୀୟ ସମିତିସଭ୍ୟଙ୍କ ପରିବାରକୁ ମାରଣାନ୍ତକ ଆକ୍ରମଣ କରିବା ସହ ତାଙ୍କ ପୁଅ କୁ ଅପହରଣ କରାଯାଇଥିଲା। ତେଣୁ ବେଆଇନ ଖଣି ଖନନ ବନ୍ଦ ନହେଲେ ଆଗାମୀ ଦିନରେ ଏହା ଆଇନ ଶୃଙ୍ଖଳା ବିଗିଡିବ ବୋଲି ଆଶଙ୍କା କରାଗଲାଣି।

ଅନ୍ୟପକ୍ଷରେ ଖଣି ଅଧିକାରୀ ଜଗନ ବେହେରାଙ୍କ କହିବା କଥା ପୂର୍ବରୁ କୁମାରବସ୍ତ ଅଂଚଳରେ ଚାଲିଥିବା ପ୍ରଶାସନ ପକ୍ଷରୁ କଟକଣା ଲଗାଯାଇଥିଲା। ଯାହାର ସମୟ ଅବଧି ଏବେ ସରିଛି। ମାତ୍ର ଏବେ ପୁଣି ଖଣି ଖନନ ଅଭିଯୋଗ ଆସିଛି। ତେଣୁ ପୁନର୍ବାର ଉକ୍ତ ଅଞ୍ଚଳରେ ବେଆଇନ ଖଣି ଖନନ ଉପରେ ବିଭାଗ ପକ୍ଷରୁ କଟକଣା ଜାରୀ କରାଯାଇଛି। ଉକ୍ତ ଖଣିକୁ ଚୋରି କରୁଥିବା ସମସ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

## ଜଙ୍ଗଲୀ ଜନ୍ତୁ ମାଂସରେ ଜମୁଛି ଭୋଜି ଆସର

**ନିଦ୍ରାରେ ବନ ବିଭାଗ**

**ବାଲୁଗାଁ, ୩।୧(ସମିସ):** ଏବେ ପର୍ଯ୍ୟଟନ ଋତୁ ଚାଲିଥିବା ବେଳେ ନୂତନ ବର୍ଷ ଉପଲକ୍ଷେ ଚାରିଆଡେ ଭୋଜିର ଆସର ଜମୁଛି। ଅନ୍ୟପକ୍ଷେ ଜଙ୍ଗଲରେ ଖାଦ୍ୟ ଅଭାବ ଯୋଗୁଁ ଜଙ୍ଗଲୀ ପଶୁ ଏବେ ଖାଦ୍ୟ ଅନ୍ୱେଷଣରେ ଗାଁ ମୁହାଁ ହୋଇ ଲୋକଙ୍କ ବିଭିନ୍ନ ଫସଲ ଖାଇ ବ୍ୟାପକ କ୍ଷୟ କ୍ଷତି କରୁଥିବା ନଜିର ରହିଥିବା ସ୍ଥଳେ କିଛି ଲୋକ ପଶୁ ମାନଙ୍କୁ ଘଉଡାଉଥିବା ବେଳେ ଆଉ କିଛି ଲୋକ ଅବାଧରେ ପଶୁ ଶୀକାର କରି ଜଙ୍ଗଲୀ ମାଂସରେ ଭୋଜିର ଆସର ଜମାଉଥିବା ଦେଖିବାକୁ ମିଳୁଛି। ଅନ୍ୟପଟେ ବନ ବିଭାଗ ନିଦରେ ଶୋଇଛି।

ଖୋର୍ଦ୍ଧା ଜିଲ୍ଲା ଡ଼ିଭିଜନ ଅନ୍ତର୍ଗତ ବାଲୁଗାଁ ବନ ବିଭାଗ ଅଧିନ ଏସିଆ ମହାଦେଶର ସର୍ବ ବୃହତମ ଶାଳ ସାଗୁଆନ ଜଙ୍ଗଲ ବାଣପୁରର ବରବରା ଓ ଧୂଆଁନଳୀ ସମେତ ଭାଲେରୀ, ସୋଲରୀ, ଜଟିଆ ନାଶୀ, ଶୁଳିଆ, ଟାଙ୍ଗରା, କୋଚିଲା ଆଦି ପାହାଡ଼ ପାଦଦେଶରେ ଥିବା ଜଙ୍ଗଲ ତଳିଆରେ ଅବାଧରେ ପଶୁ ଶିକାର ଚାଲିଛି। ଧାନ ଅମଳ ସମୟ ହୋଇ ଥିବାରୁ ବାର୍‌ହା, କୁଟୁରା ଓ ସମ୍ବର ଆଦି ପ୍ରଜାତିର ଜଙ୍ଗଲୀ ପଶୁ ଖାଦ୍ୟ ଅନ୍ୱେଷଣରେ ଧାନ ଫସଲ ଖାଇବା ପାଇଁ ଏହି ସମୟରେ ଜଙ୍ଗଲରୁ ଚାଷ ଜମି ଅଭିମୁଖେ ଆସିଥାନ୍ତି। ଏହାର ସୁଯୋଗ ନେଇ ଶିକାରୀ ମାନେ ଫାଶ ପକାଇବା ସହ ଗୁଳି ବିଦ୍ଧ କରି ସେମାନଙ୍କୁ ଶିକାର କରୁଥିବା ଜଣାଯାଇଛି। ଶିକାରୀ ମାନେ ରାତ୍ରରେ ଫାସ ପକାଇ ଜଗି ରହି ତଥା ଗୁଳି କରି ଜଙ୍ଗଲୀ ଜନ୍ତୁଙ୍କୁ ଅବାଧରେ ଶିକାର କରି ଉକ୍ତ ଶିକାର ଜନ୍ତୁଙ୍କ ମାଂସକୁ ଖୁଲମ୍ ଖୁଲା ବିକ୍ରୀ କରୁଥିବା ଦେଖିବାକୁ ମିଳିଛି। ତତ୍ ସହିତ ଶିକାରୀ ମାନେ ହରିଣ ଓ ବାଘ ଆଦିକୁ ଅବାଧରେ ଶିକାର କରି ସେମାନଙ୍କ ଛାଲ ଏବଂ ହାତୀ ଦାନ୍ତକୁ ବିକ୍ରୀ କରି ପ୍ରଚୁର ଅର୍ଥ ଉପାର୍ଜନ କରୁଥିବା ଜଣାଯାଇଛି। ବିଗତ ବର୍ଷରେ ଅଞ୍ଚଳରେ ଅବାଧରେ ବାରମ୍ବାର ପଶୁ ଶିକାର ହେଉଥିବା ବେଳେ ପୃଥକ ଭାବେ ବହୁ ଅଭିଯୁକ୍ତଙ୍କୁ ଏସଟିଏଫ ଟିମ ଗିରଫ କରିବା ସହ ଅଭିଯୁକ୍ତ ଠାରୁ ବାଘ ଛାଲ ଓ ଜଙ୍ଗଲୀ ପଶୁ ମାଂସ ଜବତ କରିଥିବା ଜଣାଯାଇଛି। ଗତ ଅକ୍ଟୋବର ମାସ ୪ ତାରିଖରେ ଜଣେ ଶିକାରୀ ଅବାଧରେ ହରିଣ ଶିକାର କରି ତାର ମାଂସ ବିକ୍ରି କରିବାକୁ ନେଉଥିବା ବେଳେ ବନ ବିଭାଗ ପକ୍ଷରୁ ଉକ୍ତ ପଶୁ ଶିକାରୀକୁ ଗିରଫ କରି ତା ନିକଟରୁ ୨୧ କେଜି ହରିଣ ମାଂସ ଜବତ ଅଭିଯୁକ୍ତକୁ ଜେଲ ପଠାଇଥିବା ଘଟଣାରୁ ପ୍ରମାଣିତ କରୁଛି ଯେ କିଭଳି ଅବାଧରେ ପଶୁ ଶିକାର ଚାଲିଛି। ହେଲେ ବନ ବିଭାଗ କାଁ ଭାଁ କିଛି ଶିକାରୀଙ୍କୁ ଗିରଫ କରୁଥିବା ବେଳେ ଅନେକ ଶିକାର ଘଟଣାର ଟେର ପାଇ ପାରୁ ନାହିଁ ବନ ବିଭାଗ। ବାଲୁଗାଁ ବନ ବିଭାଗ ଏ ଦିଗରେ ଅବଗତ ଥାଇ ମଧ ପଦକ୍ଷେପ ନେବା ପରିବର୍ତ୍ତେ ଚେଇଁ ଶୋଇ ପରୋକ୍ଷରେ ଶିକାରୀଙ୍କୁ ପ୍ରୋତ୍ସାହନ ଯୋଗାଉଥିବା ସାଧାରଣରେ ଚର୍ଚ୍ଚା ହେଉଛି। ଗତ ୫ବର୍ଷ ଧରି ଏହି ସବୁ ଅଞ୍ଚଳରେ ସୁରକ୍ଷା କର୍ମୀଙ୍କ ଅଭାବ ହେତୁ ବ୍ୟାପକ ଭାବେ ଜଙ୍ଗଲରୁ ଚୋରା କାଠ ଚାଲାଣ ସହ ଅବାଧ ପଶୁ ଶିକାର ବଢ଼ି ଚାଲିଛି। ତେବେ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଓ ସରକାର ଏ ଦିଗରେ ଦୃଷ୍ଟି ଦେଇ ଅବାଧ ପଶୁ ଶିକାରକୁ ରୋକିବା ସହ ଅଭିଯୁକ୍ତ ମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ସାଧାରଣରେ ଦୃଢ଼ ଦାବୀ ହେଉଛି।

## ମା’ ଭୈରବୀ ପୀଠ ସଫେଇ

**ନିରାକାରପୁର, ୩।୧ (ସମିସ):** ସ୍ଥାନୀୟ ମା’ ଭୈରବୀ ପୀଠରେ ଏକ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ କଣ୍ଟପୁର ପାଟଣା ଗ୍ରାମର କୁନ୍ତଳା ଦେବୀ ଶିକ୍ଷା କେନ୍ଦ୍ରର ଛାତ୍ରଛାତ୍ରୀ ଯୋଗଦେଇଛନ୍ତି। ଶିକ୍ଷକ ଦୟାନିଧି ମୁଦୁଲି ଓ ଶିକ୍ଷୟିତ୍ରୀ ମମତା ମୁଦୁଲିଙ୍କ ଆବାହକତ୍ୱରେ ଲକ୍ଷ୍ମୀପ୍ରିୟା ସାମନ୍ତରାୟ, ଦୁଷ୍ମନ୍ତ ବେହେରା, ଦୀପ୍ତି ରଞ୍ଜନ ପଲାଇ, ସୁନିଲ ପଲାଇ, ସୁଜାତା ପଲେଇ, ସ୍ୱପ୍ନା ମାଝୀ, ପ୍ରତିଭା ପ୍ରିୟଦର୍ଶନୀ ରାଉତ, ଆୟସା ପ୍ରିୟଦର୍ଶନୀ ପେଣ୍ଡୋଇ, ଶୁଭ୍ରାଂଶୁ ପ୍ରିୟଦର୍ଶନୀ ପଳାଇ ଓ ଦିପାଳୀ ରାଉତ, ରିୟା ପଲାଇ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ।

**● ଓଷ୍ଟାର ରାଜ୍ୟସ୍ତରୀୟ ଶିଶୁ ଉତ୍ସବରେ ଖୋର୍ଦ୍ଧା ଜିଲ୍ଲାର ସଫଳତା**

## ସାଧାରଣଜ୍ଞାନରେ ପ୍ରଥମ ଗୁରୁପ୍ରସାଦ ଶତପଥୀ



**ଖୋର୍ଦ୍ଧା, ୩।୧(ସମିସ):** ଓଷ୍ଟାର ରାଜ୍ୟସ୍ତରୀୟ ଶିଶୁଉତ୍ସବରେ ଖୋର୍ଦ୍ଧା ଜିଲ୍ଲାରୁ ସାଧାରଣଜ୍ଞାନରେ ରମ୍ଭାବିଲି ରାମଚନ୍ଦ୍ର ବିଦ୍ୟାପୀଠର ଛାତ୍ର ଗୁରୁପ୍ରସାଦ ଶତପଥୀ ପ୍ରଥମ ସ୍ଥାନ ହାସଲ କରିଥିବାବେଳେ ତର୍କ ପ୍ରତିଯୋଗିତାରେ କୁମ୍ଭିଲୋ ସ୍ୱପ୍ନେଶ୍ୱର ବିଦ୍ୟାପୀଠର ଛାତ୍ରୀ ଜ୍ୟୋତିଶ୍ରୀ ବଳିଆରସିଂହ ଦ୍ୱିତୀୟ ସ୍ଥାନ, କଣ୍ଠ ସଙ୍ଗୀତରେ ଅମଣାକୁଦ ପ୍ରାଚୀ ଉଚ୍ଚ ବିଦ୍ୟାପୀଠର ଛାତ୍ରସ୍ୱୟଂ ଶୁଭମ ମିଶ୍ର ଦ୍ୱିତୀୟ ସ୍ଥାନ, କବିତା ରଚନାରେ ସରକାରୀ ଉଚ୍ଚ ବିଦ୍ୟାଳୟର ପାଇକତିଗିରିଆର ଛାତ୍ରୀ ଶୁଭସ୍ମିତା ମୁଦୁଲି ତୃତୀୟ ସ୍ଥାନ ହାସଲ କରି ଖୋର୍ଦ୍ଧା ଜିଲ୍ଲା ପାଇଁ ଗୌରବ ଆଣିଛନ୍ତି। ଦଶଗୋଟି ପ୍ରତିଯୋଗୀତାରେ ପ୍ରତିଯୋଗୀମାନେ ଜିଲ୍ଲା ସ୍ତରରୁ ପ୍ରଥମ ସ୍ଥାନ ଅଧିକାର କରି ଓଷ୍ଟା ରାଜ୍ୟ କାର୍ଯ୍ୟାଳୟ ନୟାସଡକ କଟକଠାରେ ରାଜ୍ୟସ୍ତରୀୟ ଶିଶୁଉତ୍ସବରେ ଭାଗନେଇ ସେମାନଙ୍କ ମଧ୍ୟରୁ ଚାରିଗୋଟି ପ୍ରତିଯୋଗୀତାରେ ସଫଳତାର ସହିତ କୃତିତ୍ୱ ହାସଲ କରିଥିଲେ। ଏହି ଅବସରରେ ଓଷ୍ଟା ଖୋର୍ଦ୍ଧା ଜିଲ୍ଲା ସମ୍ପାଦକ ସୁଧାକର ମହାପାତ୍ରଙ୍କୁ ତାଙ୍କର ସାଙ୍ଗଠନିକ ଦକ୍ଷତା, ଦୃଢ ନେତୃତ୍ୱ ଓ ସମାଜ ସେବା ପାଇଁ ରାଜ୍ୟସ୍ତରରେ ଅବନୀ ବରାଳ ସ୍ମୃତି ସମ୍ମାନ ପ୍ରଦାନ କରାଯାଇଥିଲା।

## ଜାନକୀବଲ୍ଲଭ ପଟ୍ଟନାୟକଙ୍କ ଜନ୍ମ ଶତବାର୍ଷିକୀ ଉପଲକ୍ଷେ ଗଣଦୌଡ଼



**ନିରାକାରପୁର,୩।୧ (ସମିସ) :** ଆସାମର ପୂର୍ବତନ ରାଜ୍ୟପାଳ ତଥା ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ଜାନକୀବଲ୍ଲଭ ପଟ୍ଟନାୟକଙ୍କ ଶହେ ତମ ଜନ୍ମ ଜୟନ୍ତୀରେ ଏକ ଶ୍ରଦ୍ଧାଞ୍ଜଳି ସମାବେଶ ନିଜ ଜନ୍ମମାଟି ରାମେଶ୍ୱରଠାରେ ପାଳିତ ହୋଇଯାଇଛି। ପ୍ରଥମେ ସ୍ୱର୍ଗତ ଜାନକୀବଲ୍ଲଭ ପଟ୍ଟନାୟକଙ୍କ ସ୍ମୃତିକୁ ଉଜ୍ଜୀବିତ କରିବା ପାଇଁ ଶତାଧିକ ଯୁବକ ଯୁବତୀଙ୍କୁ ନେଇ ଏକ ମିନି ମାରାଥନ କ୍ଷେତ୍ରବାସୀ ଡିଏଭି ମହାବିଦ୍ୟାଳୟ ନିରାକାରପୁରଠାରୁ ବାହାରି ତାଙ୍କ ଜନ୍ମ ମାଟି ରାମେଶ୍ୱର ପର୍ଯ୍ୟନ୍ତ ଯାଇଥିଲା । ସେଠାରେ ଶ୍ରଦ୍ଧାଞ୍ଜଳି ସମାବେଶ ଅନୁଷ୍ଠିତ ହୋଇଥିଲା। ଶ୍ରଦ୍ଧାଞ୍ଜଳି ସଭାରେ ଅତିଥିଭାବେ ଖୋର୍ଦ୍ଧାର ପ୍ରାକ୍ତନ ଜିଲ୍ଲା ପରିଷଦ ସଭାପତି ରାମଚନ୍ଦ୍ର ମହାପାତ୍ରୟ, ଜିଲ୍ଲାର ବରିଷ୍ଠ ବିଜେଡି ନେତା ତଥା ନିରାକାରପୁର ସଖାସଙ୍ଘ ସଭାପତି ବିପିନ କୁମାର ଜୟସିଂହ, ନିରାକାରପୁର ଥାନା ଏଏସଆଇ ଏସ କେ ବେହେରା, ରାମେଶ୍ୱର ସମିତି ସଭ୍ୟ ରମେଶ ବିଶ୍ୱାଳ, ରଂଜିତ କୁମାର ଜଗଦ୍ଦେବ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ଜାନକୀବଲ୍ଲଭ ପଟ୍ଟନାୟକଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ସ୍ୱର୍ଗତ ପଟ୍ଟନାୟକଙ୍କ ରାଜନୈତିକ ଜୀବନୀ ଉପରେ ଆଲୋକପାତ କରିଥିଲେ। ମଞ୍ଚ ପରିଚାଳନା ଦିପ୍ତୀ ରଞ୍ଜନ ପାଇକରାୟ କରିଥିବାବେଳେ ସମାଜସେବୀ ଚନ୍ଦ୍ରମୋହନ ପଟ୍ଟନାୟକ, ବୀରେନ୍ଦ୍ର ପଟ୍ଟନାୟକ, ଚିତ୍ତ ରଞ୍ଜନ ମହାରଣା ଓ ଅନ୍ୟମାନେ ସହଯୋଗ କରିଥିଲେ।

## ଜାନକୀବଲ୍ଲଭ ପଟ୍ଟନାୟକଙ୍କ ୧୦୦ତମ ଜୟନ୍ତୀ

**ଖୋର୍ଦ୍ଧା,୩।୧(ସମିସ):** ଏକାଧାରାରେ ଜଣେ ସାମ୍ବାଦିକ, ସୁସାହିତ୍ୟିକ, ବିଚକ୍ଷଣ ରାଜନୈତିଜ୍ଞ, ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ, ବିରୋଧି ଦଳ ନେତା ତଥା ଆସାମର ପୂର୍ବତନ ରାଜ୍ୟପାଳ ଭାବେ ପରିଚିତ ଏ ମାଟିର ପୁଅ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ୧୦୦ତମ ଜୟନ୍ତୀ ଆଜି ପାଳିତ ହୋଇଛି। ଜାନକୀ ବଲ୍ଲଭ ପଟ୍ଟନାୟକ ଉଦ୍ୟାନ ପରିସରରେ ଆଜି ପୂର୍ବାହ୍ନରେ ସ୍ମୃତି କମିଟିର ସଭାପତି ସୌମ୍ୟରଞ୍ଜନ ପଟ୍ଟନାୟକଙ୍କ ସଂଯୋଜନାରେ ପୂର୍ବତନ ମନ୍ତ୍ରୀ ସୁରେଶ କୁମାର ରାଉତରାୟ, କମିଟିର କୋଷାଧକ୍ଷ ତଥା ଖୋର୍ଦ୍ଧା ବ୍ଲକ ଉପାଧକ୍ଷ ପ୍ରକାଶ ସାମନ୍ତରାୟ, ପୃଥ୍ୱୀବଲ୍ଲଭ ପଟ୍ଟନାୟକ, ଆଇନଜିବୀ ଶିଶିର ପରିଡ଼ା, ଅମିତ୍ ମହାନ୍ତି, ପ୍ଲାବନ ପଟ୍ଟନାୟକ, ବାଜପୁର ପଂଚାୟତ ସମିତିସଭ୍ୟ ଇଂ ଦ୍ୱାରିକା ମହାନ୍ତି, ପ୍ରଦୋଷ ସାହୁ, ସ୍ମିତରଞ୍ଜନ ବଳିୟାରସିଂହ, ପ୍ରଦୋଶ ହରିଚନ୍ଦନ, ବିଶ୍ୱରଞ୍ଜନ ପ୍ରଧାନ, ଗୌତମ ରାଉତରାୟ ପ୍ରମୁଖ ଉପସ୍ଥିତ ରହି ୰ଜାନକୀ ପଟ୍ଟନାୟକଙ୍କ ପୂର୍ଣ୍ଣାବୟବ ପ୍ରତିମୂର୍ତିରେ ପୁଷ୍ପମାଲ୍ୟଦେଇ ଶ୍ରର୍ଦ୍ଧାଞ୍ଜଳି ଅର୍ପଣ କରିବା ସହିତ ତାଙ୍କ ସ୍ମୃତି ଚାରଣ କରିଥିଲେ।



## ବଳରାମ ଦେବ ବିଦ୍ୟାପୀଠର ପ୍ରତିଷ୍ଠା ଦିବସ

**ଟାଙ୍ଗୀ, ୩।୧ (ସମିସ):** ଖୋର୍ଦ୍ଧା ଜିଲ୍ଲାର ପୁରାତନ ଶିକ୍ଷାନୁଷ୍ଠାନ ଟାଙ୍ଗୀ ବଳରାମଦେବ ବିଦ୍ୟାପୀଠର ୮୪ତମ ପ୍ରତିଷ୍ଠା ଦିବସ ପାଳିତ



ହୋଇଯାଇଛି। ପ୍ରଧାନଶିକ୍ଷକ ଜୋସ୍ନାମଣି ମଙ୍ଗରାଜଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ମୁଖ୍ୟଅତିଥି ଟାଙ୍ଗୀ ବ୍ଲକ ଶିକ୍ଷା ଅଧିକାରୀ ପ୍ରଦୀପ ସାହୁ, ମୁଖ୍ୟବକ୍ତା ପୁରାତନ ଛାତ୍ର ସଂସଦ ସଭାପତି ପଦ୍ମନାଭ ବିଶ୍ୱାଳ, ସମ୍ମାନିତ ଅତିଥିଭାବେ ସଂପାଦକ ବିଜୟ ରାଉତ,ପୁରାତନ ଛାତ୍ର ଡାକ୍ତର ମଧୁସୂଦନ ସେନାପତି, ଅରୁଣ ରଂଜନ ମହାନ୍ତି, ରଘୁନାଥ ସାହୁ, ପ୍ରାକ୍ତନ ପ୍ରଧାନ ଶିକ୍ଷକ ରମେଶ ବଳବନ୍ତରାୟ, ପରିଚାଳନା କମିଟି ସଭାପତି ଗଣେଶ ବାରିକ, ପ୍ରସନ୍ନ କୁମାର ଶ୍ରୀଚନ୍ଦନ ପ୍ରମୁଖ ଯୋଗ ଦେଇଥିଲେ। ବରିଷ୍ଠ ଶିକ୍ଷକ ବିଶ୍ୱଜିତ ପଲାଇ ସ୍ୱାଗତ ଅଭିଭାଷଣ ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ବାଳକ ବିଭାଗରେ ଅଭିଷେକ ବିଶ୍ୱାଳ ଓ ବାଳିକା ବିଭାଗରେ ତ୍ରିସ୍ନା ଦାସଙ୍କୁ ଚାମ୍ପିଅନ ଟ୍ରଫି ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମକୁ ଶିକ୍ଷୟତ୍ରୀ ସରିତା ଜୟନ୍ତି ଦାସ ସଂଯୋଜନା କରିଥିଲେ। ଶିକ୍ଷୟତ୍ରୀ ସଂଗୀତା ଜାଲି, ରଶ୍ମିତା ବେହେରା, ଶର୍ମିଳା ବେହେରା, ପ୍ରଜ୍ଞାପରମିତା ପରିଡା, ଶିକ୍ଷକ ଅନିରୁଦ୍ଧ ସେଠୀ ପ୍ରମୁଖ ପରିଚାଳନା କରିଥିଲେ।

## କୂଅରୁ ମିଳିଲା ନିଖୋଜ ବୃଦ୍ଧାଙ୍କ ମୃତଦେହ

**ବେଗୁନିଆ, ୩।୧(ସମିସ):** ବେଗୁନିଆ ଥାନା ଅନ୍ତର୍ଗତ ଡିଙ୍ଗର ଗ୍ରାମର ସ୍ୱର୍ଗତ ବସନ୍ତ ମହାପାତ୍ରଙ୍କ ପତ୍ନୀ ହାରାମଣୀ ଦେଇ (୭୦) ଦୁଇ ଦିନ ଧରି ନିଖୋଜ ଥିଲେ। ବହୁ ଖୋଜି ଆରମ୍ଭ କରିଥିବା ବେଳେ ଶନିବାର ଦିନ ତାଙ୍କ ମରଶରୀର କୂଅ ଭିତରେ ଭାସୁ ଥିବାର ସ୍ଥାନୀୟ ଲୋକମାନେ ଦେଖିବାକୁ ପାଇଥିଲେ। ପରେ ବେଗୁନିଆ ଅଗ୍ନିଶମ ବିଭାଗ କର୍ମଚାରୀ ମାନଙ୍କ ଦ୍ୱାରା ଉଦ୍ଧାର କରାଯାଇ ଥିବା ବେଳେ ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି।

# ହାଟବସ୍ତ ଗାଁରେ ଅଧପନ୍ତରିଆ ପୂର୍ତ୍ତ ରାସ୍ତା

**ଘଟୁଛି ଦୁର୍ଘଟଣା, ବଢୁଛି ଜନଅସନ୍ତୋଷ**

ବୋଲଗଡ଼, ୩।୧(ସମିସ)



ଖୋର୍ଦ୍ଧା ଜିଲ୍ଲା ବୋଲଗଡ଼ ବ୍ଲକ ବଡ଼କୁମାରୀ ପଞ୍ଚାୟତ ହାଟବସ୍ତ ଗାଁ ମଧ ଦେଇ ଅତିକ୍ରମ କରିଛି ରାଜସୁନାଖଳା-ଧଳାପଥର ପୂର୍ତ୍ତ ରାସ୍ତା । ଉକ୍ତ ଗ୍ରାମ ମଧ୍ୟରେ ଥିବା ପ୍ରାୟ ଅଧକିମି ପୂର୍ତ୍ତ ରାସ୍ତାଟିର ଅବସ୍ଥା ଅତ୍ୟନ୍ତ ଶୋଚନୀୟ ଭାବେ ମରଣ ଯନ୍ତା ପାଲଟିଛି। ଫଳରେ ଉକ୍ତ ଗ୍ରାମ ମଧ୍ୟରେ ଏହି ପୂର୍ତ୍ତ ରାସ୍ତାରେ ଯାତାୟାତ ବେଳେ ଦୁର୍ଘଟଣା ଘଟୁଛି । ତେବେ ଏଠାରେ ରାସ୍ତାର ପୁନରୁଦ୍ଧାର ପାଇଁ ବିଭାଗ ପକ୍ଷରୁ ନିର୍ମାଣ କାର୍ଯ୍ୟ ପ୍ରାୟ ଛଅ ମାସ ପୂର୍ବରୁ ଆରମ୍ଭ ହୋଇଥିଲା । ହେଲେ ମଧ ଏଯାବତ ରାସ୍ତାଟିର ନିର୍ମାଣ କାର୍ଯ୍ୟ ଶେଷ ହେବା ଦୂରେ ଥାଉ କାର୍ଯ୍ୟରେ ଆଗ୍ରଗତି ହେଉନାହିଁ। ରାସ୍ତା ପାଶ୍ୱର୍ରେ ଡ୍ରେନ ନିର୍ମାଣ କାର୍ଯ୍ୟ ମଧ ଅଧପନ୍ତରିଆ ହୋଇ ରହିଛି।

ସୂଚନା ଯୋଗ୍ୟ ଯେ ଏଠାରେ ରାସ୍ତାର ବିଭିନ୍ନ ସ୍ଥାନରେ ସିମେଣ୍ଟ କଂକ୍ରିଟ ଉଠିଯାଇ ଲୁହା ଛଡ଼ ବାହାରି ବିପଦଜନକ ସ୍ଥିତି ସୃଷ୍ଟି ହୋଇଛି। ଅପର ପକ୍ଷରେ ଡ୍ରେନ ନିର୍ମାଣ କାର୍ଯ୍ୟ ରାସ୍ତା ଠାରୁ ଉଚ୍ଚ ହୋଇଥିବା ବେଳେ ରାସ୍ତା ନିର୍ମାଣ ହେଉନଥିବାରୁ ରାସ୍ତାଟି ଡ୍ରେନ ସାଇଡ ୱାଲ ଠାରୁ ପ୍ରାୟ ଏକ ଫୁଟ ଖାଲୁଆ ରହିଛି। ଏଥି ନେଇ ମଧ ଏହି ରାସ୍ତାକୁ ସଂଯୋଗ ହୋଇଥିବା ଗାଁର ସାହି ରାସ୍ତାକୁ ଅତିକ୍ରମ ପାଇଁ ଅସୁବିଧା ହେଉଛି। ରାସ୍ତା ଓ ଡ୍ରେନ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ନହେବା ପର୍ଯ୍ୟନ୍ତ ଉକ୍ତ ଗ୍ରାମ ମଧ୍ୟରେ ପ୍ରତିଦିନ ଟ୍ରାଫିକ ସମସ୍ୟା ଉପୁଜୁଛି। ଉଲ୍ଲେଖ ଯୋଗ୍ୟଯେ,ଉକ୍ତ ପୂର୍ତ୍ତ ରାସ୍ତାଟି ରାଜସୁନାଖଳା ଠାରେ ୫୭ନଂ ଜାତୀୟ ରାଜପଥକୁ ସଂଯୋଗ କରୁଥିବା ବେଳେ ଧଳାପଥରଠାରେ ବାଘମାରୀ - କଣ୍ଟିଲୋ ରାଜ୍ୟ ରାଜପଥକୁ ସଂଯୋଗ କରୁଛି। ହାଟବସ୍ତ ଗ୍ରାମକୁ ଲାଗି ରହିଥିବା ବାଙ୍କୋଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ପୁଲିସ ଫାଣ୍ଡି, ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟ, ବ୍ୟାଙ୍କ, ଶିଳ୍ପ ତାଲିମ କେନ୍ଦ୍ର, ମହାବିଦ୍ୟାଳୟ, ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ଉଚ୍ଚ ବିଦ୍ୟାଳୟ ଶିକ୍ଷକ ଶିକ୍ଷା ପ୍ରଶିକ୍ଷଣ ବିଦ୍ୟାଳୟ ଆଦି ଅନୁଷ୍ଠାନ ଗୁଡିକୁ ଦୈନନ୍ଦିନ ଏହି ରାସ୍ତାରେ ହତାବସ୍ତ ଗ୍ରାମ ମଧ ଦେଇ ଯାତାୟତ କରିବାକୁ ପଡିଥାଏ। ଏଥି ସହିତ ଯାତ୍ରୀବାହୀ ବସ୍ ସେବାଠାରୁ ଆରମ୍ଭ କରି ମାଲ ପରିବହନ ଗାଡ଼ିଗୁଡିକ ଏହି ରାସ୍ତାରେ ଯାତାୟତ କରିଥାଏ। ତେଣୁ ଏଭଳି ପ୍ରତ୍ୟହ ଚଳଚଞ୍ଚଳ ରହୁଥିବା ରାସ୍ତା ସାଥୀକୁ ହାଟବସ୍ତ ଗାଁ ଦାଣ୍ଡ ରୂପେ ପରିଗଣିତ ଉକ୍ତ ସ୍ଥାନର ରାସ୍ତା ଓ ଡ୍ରେନ ନିର୍ମାଣ କାର୍ଯ୍ୟକୁ ଠିକାଦାର ବିଳମ୍ବ ନକରି କାର୍ଯ୍ୟରେ ତ୍ୱରାନ୍ୱିତ ପାଇଁ ବିଭାଗୀୟ ଯନ୍ତ୍ରୀ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

## ଜିଆଇ ଟ୍ୟାଗ୍ ସଚେତନତା ଶିବିର



**ବେଗୁନିଆ, ୩।୧(ସମିସ):** ବେଗୁନିଆ ବ୍ଲକ ବାଘମାରି ଗ୍ରାମସ୍ଥିତ ତୃପ୍ତି କଲ୍ୟାଣ ମଣ୍ଡପ ପରିସରରେ ଶିଳ୍ପୋଦ୍ୟୋଗୀ ବିକାଶ ପ୍ରତିଷ୍ଠାନ ପକ୍ଷରୁ ଜିଆଇ ଟ୍ୟାଗ୍ ସଚେତନତା ଶିବିର ଅନୁଷ୍ଠିତ ହୋଇଛି। ଏଥିରେ ଶିଳ୍ପୋଦ୍ୟୋଗୀ ବିକାଶ ପ୍ରତିଷ୍ଠାନର କାର୍ଯ୍ୟନିର୍ବାହୀ ଅଧିକାରୀ ନଳିନୀକାନ୍ତ ପାଢ଼ୀଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ହସ୍ତଶିଳ୍ପ ବିଭାଗ ସହକାରୀ ପରିଚାଳକ ଦିଲୀପ ପଣ୍ଡା ମୁଖ୍ୟଅତିଥି, ଏମଏସଏମଇ ଜିଆଇ ପରାମର୍ଶଦାତା ଡ. ଅନିତା ସାବତ ମୁଖ୍ୟବକ୍ତା, ଶିଳ୍ପ ବିକାଶ ଅଧିକାରୀ ମୋନାଲିସା ମିଶ୍ର, ବରିଷ୍ଠଶିଳ୍ପୀ ପ୍ରମୋଦ କୁମାର ପଣ୍ଡା ଓ ଜିଲ୍ଲା ଶିଳ୍ପ କେନ୍ଦ୍ର ଭୁବନେଶ୍ୱରର ସହକାରୀ ପରିଚାଳକ ସୁଶାନ୍ତ ଚନ୍ଦ୍ର ବଡୁ ସମ୍ମାନିତ ଅତିଥି ଭାବେ ଯୋଗ ଜିଆଇ ଟ୍ୟାଗର ଆବଶ୍ୟକତା ସମ୍ପର୍କିତ ମତ ପ୍ରକାଶ କରିଥିଲେ। ପ୍ରାରମ୍ଭରେ ଶିଳ୍ପୀ କଳ୍ପତରୁ ପଣ୍ଡା ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲେ। କବିରାଜ ଗୋଛି ଧନ୍ୟବାଦ୍ ଅର୍ପଣ କରିଥିଲେ।

